

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୨୯ ଡିସେମ୍ବର ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 29 December 2024

Vol.No. 35 ■ No.346 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା ପୂଜା ସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପଞ୍ଚଭୂତରେ ବିଲୀନ ହେଲେ ମନମୋହନ ସିଂ: ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ନୂଆଦିଲ୍ଲୀ, ୨୮/୧୨ : ସରିଲା ମହାଯାତ୍ରା, ବିଦାୟ ନେଲେ ମନମୋହନ । ରୀତିନୀତିରେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଅନ୍ତିମ ସଂସ୍କାର ଶେଷ । ପଞ୍ଚଭୂତରେ ବିଲୀନ ହୋଇଛି ମନମୋହନ ସିଂହଙ୍କ ପାର୍ଥିବ ଶରୀର। ଦିଲ୍ଲୀ ନିଗମବୋଧ ଘାଟରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସ୍ଥଳସେନା, ବାୟୁସେନା ଓ ନୌସେନା ପକ୍ଷରୁ ସ୍ୱର୍ଗତ ମନମୋହନ ସିଂହଙ୍କୁ ତୋପ ସଲାମି ଦିଆଯାଇଛି। ଶିଖ୍ ରୀତିନୀତି ଅନୁସାରେ ତାଙ୍କର ଅନ୍ତ୍ୟେଷ୍ଟି ଶେଷ ହୋଇଛି । ଏହି ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ବିଶେଷ



ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ଦୂରଦର୍ଶୀ ନେତାଙ୍କୁ ଝୁରୁଛି ସାରା ଦେଶ । ସମର୍ଥକଙ୍କ ଅଶ୍ରୁରେ ଭିଜିଲା ନିଗମାବୋଧ ଘାଟ । ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ସାମିଲ୍ ହୋଇଥିଲେ । ଶନିବାର ସକାଳୁ ମନମୋହନଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ କଂଗ୍ରେସ ମୁଖ୍ୟାଳୟକୁ ନିଆଯାଇଥିଲା। ସେଠାରେ ଶେଷ ଦର୍ଶନ କରିଥିଲେ ବନ୍ଧୁ ସମ୍ପର୍କୀୟ ।ଏହାପରେ ଶୋଭାଯାତ୍ରାରେ ନିଗମବୋଧ ଘାଟକୁ ପାର୍ଥିବ ଶରୀର ନିଆଯାଇଥିଲା । ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ହୋଇଛି ।

## ନୂଆ ବର୍ଷରେ ସିସିଟିଭି ନଜରରେ ରହିବ ଶ୍ରୀକ୍ଷେତ୍ର: ଜଗିବେ ୬୦ ପ୍ଲାଟୁନ୍ ଫୋର୍ସ

ପୁରୀ, ୨୮/୧୨ (ନି.ପ୍ର): ନୂଆ ବର୍ଷରେ ସିସିଟିଭି ନଜରରେ ରହିବ ଶ୍ରୀକ୍ଷେତ୍ର । ପୁରୀକୁ ଜଗିବେ ୬୦ ପ୍ଲାଟୁନ୍ ଫୋର୍ସ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ବେଳାଭୂମିରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଟ୍ରାଫିକ୍ ସୁପରିଚାଳନା ନେଇ ବ୍ୟାପକ ପ୍ରସ୍ତୁତି କରିଛି ପୁରୀ ପୁଲିସ । ଡିସେମ୍ବର ୩୧ ତାରିଖଠୁ ନୂଆବର୍ଷ ପର୍ଯ୍ୟନ୍ତ ପ୍ରବଳ ଭିଡ଼ ଆଶଙ୍କାରେ ଟ୍ରାଫିକ୍ କଟକଣା ଜାରି କରାଯାଇଛି । ପୁରୀର ମୁଖ୍ୟ ପ୍ରବେଶପଥରେ ଚେକିଂକୁ କଡାକଡି କରାଯିବ । ଭୁବନେଶ୍ୱରରୁ ଆସୁଥିବା ଚାରିଚକିଆ ଯାନ ଜେଲ୍ ରୋଡ ପାର୍କିଂରେ, କୋଣାର୍କରୁ ଆସୁଥିବା ଚାରିଚକିଆ ତାଳବଣିଆ ପାର୍କିଂରେ ଓ ବ୍ରହ୍ମଗିରିରୁ ଆସୁଥିବା ଚାରିଚକିଆ ଯାନ ଷ୍ଟର୍ଲିନ କିମ୍ବା ଯାତ୍ରିକା ପାର୍କିଂରେ ରହିବ। ମେଡିକାଲ୍ ଛକଠାରୁ ଶ୍ରୀମନ୍ଦିର ଓ



ବେଳାଭୂମି ପର୍ଯ୍ୟନ୍ତ କୌଣସି ଚାରିଚକିଆ ଯାନ ଯାତାୟାତ କରିବ ନାହିଁ। ମାର୍କେଟ ଛକଠାରୁ ହେବ ଘଙ୍ଗ ଠରଐଓଡଖର ତଙ୍ଗଘର । ଶ୍ରୀମନ୍ଦିର ବାହାରେ ଓ ଶ୍ରୀମନ୍ଦିର ଭିତରେ ଭିଡ ନିୟନ୍ତ୍ରଣ ସହ ମହାପ୍ରଭୁଙ୍କ ଦର୍ଶନର ସୁବ୍ୟବସ୍ଥା କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି । ବେଳାଭୂମିରେ ପର୍ଯ୍ୟାପ୍ତ ଲାଇଫଗାର୍ଡ ମୁତୟନ ହେବାସହ ଜିରୋ ନାଇଟ୍ ସେଲିବ୍ରେସନ ବେଳେ ପାଟ୍ରୋଲିଂକୁ ମଧ୍ୟ କଡାକଡି କରାଯିବ। ମଦ୍ୟପାନ କରି ଗାଡି ଚଳାଉଥିବା ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଆନ୍ତରାଜ୍ୟ ଲୁଟେରା ଗ୍ୟାଙ୍ଗ୍ ଉପରେ ତୀକ୍ଷ୍ଣ ନଜର ରଖାଯିବ ବୋଲି ଏସପି କହିଛନ୍ତି।

## ନିଗମାନନ୍ଦ ସମ୍ମିଳନୀ ବେଳେ ୨ ଶ୍ରଦ୍ଧାଳୁଙ୍କ ମୃତ୍ୟୁ

ପୁରୀ, ୨୮/୧୨ (ନି.ପ୍ର): ପୁରୀରେ ନିଗମାନନ୍ଦ ସମ୍ମିଳନୀ ଚାଲିଥିବା ବେଳେ ଆଖି ବୁଜିଛନ୍ତି ଦୁଇ ଜଣ ଭକ୍ତ। ସେମାନଙ୍କ ମଧ୍ୟରୁ ଜଣେ କଟକର ହୋଇଥିବା ବେଳେ ଅନ୍ୟ ଜଣେ ପଶ୍ଚିମବଙ୍ଗର ମେଦିନପୁର ବୋଲି ସୂଚନା ମିଳିଛି। ପ୍ରାଥମିକ ସୂଚନା ଅନୁଯାୟୀ, ସମ୍ମିଳନୀ ଚାଲିଥିବା ବେଳେ ଏହି ଦୁଇ ଭକ୍ତଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଥିଲା। ତେଣୁ ସେମାନଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଉଭୟ ହୃଦଘାତର ଶିକାର ହୋଇଥିବା ଜଣାପଡ଼ିଛି। ସମ୍ମିଳନୀରେ ଅତ୍ୟଧିକ ଭକ୍ତଙ୍କ ସମାଗମ ଯୋଗୁ ଏହି ଅଘଟଣ ଘଟିଥାଇପାରେ ବୋଲି କୁହାଯାଉଛି।

## ରାଜଧାନୀରେ ସିରିଜ୍ ଦୁର୍ଘଟଣା: ୭ ଆହତ, ଉତ୍ତେଜନା

ଭୁବନେଶ୍ୱର, ୨୮/୧୨ : ଭୁବନେଶ୍ୱର ଜାଭିଅର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ସିରିଜ୍ ଦୁର୍ଘଟଣା। ପଛକୁ ପଛ ପିଟି ହେଲା କାର-ଭ୍ୟାନ୍-ଅଟୋ। ପ୍ରଥମେ ସ୍କୁଲ ଭ୍ୟାନ୍‌କୁ ପିଟିଲା କାର। ତା'ପରେ ସ୍କୁଲ ଭ୍ୟାନ୍ ପିଟିହେଲା ଅଟୋରେ। ଅଟୋଟି ଦୁଇଟି ବାଇକ୍‌ରେ ପିଟି ହୋଇଯାଇଥିଲା। ଏଥିରେ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ସେଥିରେ ଜଣେ ଶିଶୁ ଥିବା ଜଣାପଡ଼ିଛି। ସମସ୍ତଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୫ଟା ବେଳେ ଜାଭିଅର ବିଶ୍ୱବିଦ୍ୟାଳୟ ଗେଟ୍ ସମ୍ମୁଖରେ ଏକ ସ୍କୁଲ ଭ୍ୟାନ୍ ଓ ଅଟୋ ଛିଡ଼ା ହୋଇଥିଲା। ଠିକ୍ ସେତିକି ବେଳେ



ଏକ କାର ଦ୍ରୁତ ଗତିରେ ଆସି ସ୍କୁଲ ଭ୍ୟାନ୍‌କୁ ପିଟିଥିଲା। ସ୍କୁଲ ଭ୍ୟାନ୍‌ଟି ଯାଇ ଅଟୋରେ ପିଟି ହୋଇଯାଇଥିଲା। ତା'ପରେ ଅଟୋଟି ଦୁଇଟି ବାଇକ୍‌କୁ ପିଟି ଥିଲା। ଦୁର୍ଘଟଣା ପରେ ଚାଳକ କାରକୁ ପଛେଇ ପଛେଇ ନେଇଯିବାକୁ ଚେଷ୍ଟା କରିଥିଲେ। ହେଲେ ସ୍ଥାନୀୟ ଲୋକେ ଯିବାକୁ ଦେଇନଥିଲେ। କାର ଭିତରୁ ତାଙ୍କୁ ଟାଣିଆଣି ବହେ ନାଦିଥିଲେ। କ୍ଷତିପୂରଣ ଦାବି କରିଥିଲେ। ଦୁର୍ଘଟଣାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଯେଉଁଥିପାଇଁ ଗାଡ଼ି ଚଳାଚଳ ଏକ ପ୍ରକାର ଠପ୍ ହୋଇଥିଲା। ମୈତ୍ରୀ ବିହାର ଥାନା ପୁଲିସ୍ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ କାର ଚାଳକଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ।

## ୪୮ଘଣ୍ଟା ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ ଓ ଫସଲ କ୍ଷତିର ସଠିକ୍ ଆକଳନ କର: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮/୧୨ : ଆସନ୍ତା ୩୦ତାରିଖ ସୁଦ୍ଧା ଅର୍ଥାତ୍ ୪୮ଘଣ୍ଟା ମଧ୍ୟରେ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ପ୍ରକୃତ ଚାଷୀଙ୍କୁ ଚିହ୍ନଟ ସହ ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଯେପରି ଜଣେବି କ୍ଷତିଗ୍ରସ୍ତ ଚାଷୀ ସହାୟତାରୁ ବଂଚିତ ନହେବେ ସେଥିପାଇଁ ଧ୍ୟାନ ଦେବାକୁ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଛନ୍ତି । ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚଳିତମାସ ୨୦ରୁ ୨୮ତାରିଖ ମଧ୍ୟରେ ରାଜ୍ୟରେ ଅଦିନିଆ ବର୍ଷାଜନିତ ଫସଲ



କ୍ଷୟକ୍ଷତିର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଥିଲେ । ବୀମାଭୁକ୍ତ ଚାଷୀ ଓ ବୀମା କରିନଥିବା ଚାଷୀମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିୟମ ଅନୁସାରେ ଯଥାଶୀଘ୍ର ସହାୟତା ଡିବିଟି ମାଧ୍ୟମରେ ଯୋଗାଇ ଦିଆଯିବ ବୋଲି ଆଜିର ବୈଠକରେ ନିଷ୍ପତ୍ତି ନିଆଯାଇଛି । ବୀମାଭୁକ୍ତ ସମସ୍ତ ଚାଷୀମାନେ ଯେପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କ୍ଷୟକ୍ଷତି ସମ୍ପର୍କରେ ବୀମା କମ୍ପାନୀଗୁଡ଼ିକୁ ସୂଚନା ଦେବେ ସେଥିପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ ପ୍ରାୟ ୧ଲକ୍ଷ ୨୬ହଜାର ଚାଷୀ ଏବେସୁଦ୍ଧା ନିଜ ଫସଲ କ୍ଷୟକ୍ଷତି ସମ୍ପର୍କରେ ସୂଚନା ଦେଇସାରିଛନ୍ତି । ଅନ୍ୟ ବୀମାଭୁକ୍ତ ଚାଷୀମାନେ ଆସନ୍ତାକାଲି ରବିବାର ▶▶ପୃଷ୍ଠା ୭

## ୩ ମହିଳା ନକ୍ସଲ ଗିରଫ: ମୁଣ୍ଡ ଉପରେ ଥିଲା ୮ ଲକ୍ଷ ଟଙ୍କା ପୁରସ୍କାର

ମାଲକାନଗିରି, ୨୮/୧୨ (ନି.ପ୍ର): ଓଡ଼ିଶା ପୁଲିସକୁ ମିଳିଛି ବଡ଼ ସଫଳତା। ୩ ଦୁର୍ଦ୍ଦାନ୍ତ ମହିଳା ନକ୍ସଲଙ୍କୁ କରିଛି ଗିରଫ। ସେମାନଙ୍କ ମଧ୍ୟରୁ ଜଣେ ଏସିଏମ୍ ରାଙ୍କର। ସେହିପରି ଏହି ୩ ଜଣଙ୍କ ମୁଣ୍ଡ ଉପରେ ଥିଲା ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି। ଗୁଇନ୍ଦା ରିପୋର୍ଟ ଆଧାରରେ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଥାନା ଗୁଣ୍ଡାବେଡ଼ା ଜଙ୍ଗଲରୁ ଏହି ୩ ନକ୍ସଲଙ୍କୁ ଗିରଫ କରିଛି ପୁଲିସ। ଗିରଫ ନକ୍ସଲମାନେ ହେଉଛନ୍ତି ସ୍ୱପ୍ନା ଓରଫ ଚନ୍ଦ୍ରମା ଖିଲୋ, ବବିତା ଓରଫ କମଳା ଖିଲୋ ଓ ସୁନୀତା ଖିଲୋ। ▶▶ପୃଷ୍ଠା ୭

## ରାଜ୍ୟରେ ଗଠନ ହେବ ଅଧିକ ନୂଆ ବ୍ଲକ୍: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, ୨୮/୧୨ : ଜନସାଧାରଣଙ୍କ ନିକଟରେ ସୁଶାସନ ବ୍ୟବସ୍ଥା ପହଞ୍ଚାଇବାକୁ ହେଲେ ସ୍ଥାନୀୟ ଶାସନ ବ୍ୟବସ୍ଥାକୁ ଅତି ସରଳ କରିବାକୁ ପଡ଼ିବ। ଘର ଠାରୁ କମ୍ ଦୂରତାରେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ରହିଲେ ଲୋକେ ସୁବିଧା ପାଇପାରିବେ। କିନ୍ତୁ ରାଜ୍ୟରେ ଅନେକ ଗାଁର ଲୋକେ ନିଜ ବ୍ଲକ ମୁଖ୍ୟାଳୟକୁ ପହଞ୍ଚିବା ପାଇଁ ୭୫କିମି ଦୂର ପର୍ଯ୍ୟନ୍ତ ରାସ୍ତା ଅତିକ୍ରମ କରୁଛନ୍ତି। ରାଜ୍ୟରେ ୧୯୮୪ ମସିହାରେ ଶେଷ ଥର ପାଇଁ ୧୦ଟି ବ୍ଲକ୍ ଗଠନ କରାଯାଇଥିଲା। ସେହିଦିନ ଠାରୁ ଆଉ ନୂଆ ବ୍ଲକ ଗଠନ କରାଯାଇ ନାହିଁ। ଅନ୍ୟପଟରେ ଏହି ୪୦ ବର୍ଷ ମଧ୍ୟରେ ୩୧୪ ବ୍ଲକର ଜନସଂଖ୍ୟାରେ ବଡ଼ ପରିବର୍ତ୍ତନ ହୋଇସାରିଛି। ଏନେଇ ଅନେକ ଥର ବ୍ଲକ୍ ପାଇଁ ଦାବି ଉଠିଛି, ବିଭିନ୍ନ ସଂଗଠନ ରାଜରାସ୍ତାକୁ ଆସିଛନ୍ତି। ବିଧାନସଭାରେ ମଧ୍ୟ ସରଗରମ ଆଲୋଚନା ହୋଇଛି। ହେଲେ, ରାଜନୈତିକ ଇଚ୍ଛାଶକ୍ତିର ଘୋର ଅଭାବ ଯୋଗୁ ନୂଆଁ ବ୍ଲକ ଗଠନ ହୋଇପାରି ନାହିଁ। ଏବେ ମୋହନ ମାଝୀଙ୍କ ସରକାର ନୂଆ ବ୍ଲକ ଗଠନ କରିବା ପାଇଁ ପାଦେ ଆଗକୁ ବଢ଼ିଥିବା ଚର୍ଚ୍ଚା ଧରିଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏନେଇ ବଡ଼ ସୂଚନା ଦେଇଛନ୍ତି। ▶▶ପୃଷ୍ଠା ୭

## ଦିଲ୍ଲୀରେ ୧୦୧ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା: ବାୟୁ ମାନରେ ଆସିଲା ଉନ୍ନତି

ନୂଆଦିଲ୍ଲୀ, ୨୮/୧୨ : ଡିସେମ୍ବର ମାସରେ ଅଦିନିଆ ବର୍ଷା ଦିଲ୍ଲୀରେ ୧୦୧ ବର୍ଷର ରେକର୍ଡ ଭାଙ୍ଗିଛି। ସର୍ବଶେଷ ତଥ୍ୟ ଅନୁଯାୟୀ, ସଫଦରଜଙ୍ଗରେ ଶନିବାର ସକାଳ ସାଢ଼େ ୮ଟା ସୁଦ୍ଧା ଗତ ୨୪ ଘଣ୍ଟାରେ ୪୧.୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଦିଲ୍ଲୀ ଇତିହାସରେ ଡିସେମ୍ବର ମାସରେ ଗୋଟିଏ ଦିନରେ ଏହା ହେଉଛି ଦ୍ୱିତୀୟ ସର୍ବାଧିକ ବର୍ଷା।। ଏହାପୂର୍ବରୁ, ୩ ଡିସେମ୍ବର ୧୯୨୩ରେ ଗୋଟିଏ ଦିନରେ ସର୍ବକାଳୀନ ରେକର୍ଡ ୭୫.୭ ମିମି ବର୍ଷା ହେଇଥିଲା। ତେବେ ଆଜି ରେକର୍ଡ ହୋଇଥିବା ବର୍ଷା ୧୦୧



ବର୍ଷରେ ଏକ ରେକର୍ଡ। ଏହାପୂର୍ବରୁ ଦିଲ୍ଲୀରେ ଶୁକ୍ରବାର ପର୍ଯ୍ୟନ୍ତ ୧୫ ବର୍ଷ ମଧ୍ୟରେ ସର୍ବାଧିକ ବୃଷ୍ଟିପାତ ରେକର୍ଡ କରାଯାଇଛି। ଏହି କାରଣରୁ ଗତକାଲି ସହରର ସର୍ବାଧିକ ତାପମାତ୍ରା ପ୍ରାୟ ୧୦ ଡିଗ୍ରୀ ହ୍ରାସ ପାଇ ୧୪.୬ ଡିଗ୍ରୀ ସେଲସିୟସକୁ ଖସି ଆସିଥିଲା। ଏହି କାରଣରୁ, ଗତ ୫ ବର୍ଷ ମଧ୍ୟରେ ଏହା ସବୁଠାରୁ ଥଣ୍ଡା ଦିନ ରେକର୍ଡ ହୋଇଥିଲା। ଆଜି(ଶନିବାର) ମଧ୍ୟ ଦିଲ୍ଲୀରେ ତୁହାକୁ ▶▶ପୃଷ୍ଠା ୭

## ଦିଲ୍ଲୀ ସରକାରଙ୍କ ଯୋଜନାର ତଦନ୍ତ ନିର୍ଦ୍ଦେଶ: ସମାଲୋଚନା କଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୨୮/୧୨ : ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ଅଡୁଆରେ ଆମ୍ ଆଦମୀ ପାର୍ଟି ସରକାର। ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଘୋଷଣା କରିଥିବା 'ମହିଳା ସମ୍ମାନ ଯୋଜନା' ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଉପରାଜ୍ୟପାଳ ବିନୟ କୁମାର ସକ୍ସେନା। କଂଗ୍ରେସ ନେତା ସନ୍ଦୀପ ଦୀକ୍ଷିତ କରିଥିବା ଅଭିଯୋଗ ଆଧାରରେ ଦିଲ୍ଲୀର ମୁଖ୍ୟ ସଚିବ ଓ ପୁଲିସ କମିଶନରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଉପରାଜ୍ୟପାଳ। ଆସନ୍ତା ୨୦୨୫ ଫେବୃଆରୀରେ ସମ୍ଭବତଃ ଦିଲ୍ଲୀ



ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଆପ୍ ସରକାର ଆରମ୍ଭ କରିଥିବା ଏହି 'ମହିଳା ସମ୍ମାନ ଯୋଜନା'ରେ ଏପର୍ଯ୍ୟନ୍ତ ୨୨ ଲକ୍ଷରୁ ଅଧିକ ମହିଳା ପଞ୍ଜୀକୃତ ହୋଇସାରିଲେଣି। ନିର୍ବାଚନରେ ମହିଳା ଭୋଟବ୍ୟାଙ୍କ ରାଜନୀତି ପାଇଁ ଆପ୍ ଏହି ଯୋଜନା ଆଣିଥିବା ବିରୋଧୀ ବିଜେପି ଓ କଂଗ୍ରେସ ଅଭିଯୋଗ କରୁଛନ୍ତି। ଅନ୍ୟପଟେ ଟଙ୍କା ବାଣ୍ଟି ଭୋଟରଙ୍କୁ ପ୍ରଭାବିତ କରିବାକୁ ପଞ୍ଜାବ ସରକାର ଦିଲ୍ଲୀ ସରକାରଙ୍କୁ ଟଙ୍କା ପଠାଉଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ନେତା ତଥା ନୂଆଦିଲ୍ଲୀ ଆସନରୁ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତିଦ୍ୱନ୍ଦ୍ୱୀ ସନ୍ଦୀପ ଦୀକ୍ଷିତ। ଯାହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଉପରାଜ୍ୟପାଳ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହା ଏକ ବଡ ପ୍ରସଙ୍ଗ ହୋଇପାରେ। ଅଭିଯୋଗ ହୋଇଛି ଯେ 'ମହିଳା ସମ୍ମାନ ଯୋଜନା' ଆଳରେ ଆପ୍ ଭୋଟରମାନଙ୍କର ବ୍ୟକ୍ତିଗତ ସୂଚନା ସଂଗ୍ରହ କରିବାକୁ ଚାହୁଁଛି। କଂଗ୍ରେସ ନେତା ସନ୍ଦୀପ ଦୀକ୍ଷିତ ଅଭିଯୋଗ କରିଛନ୍ତି ଯେ ତାଙ୍କ ଘର ପାଖରେ ପଞ୍ଜାବର ଗୁଇନ୍ଦା ଅଧିକାରୀମାନେ ବୁଲୁଛନ୍ତି। ଏପରିକି ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ପଞ୍ଜାବ ସରକାର ଦିଲ୍ଲୀ ସରକାରଙ୍କୁ ଟଙ୍କା ପଠାଉଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି। ଏନେଇ ଦିଲ୍ଲୀ ଉପରାଜ୍ୟପାଳ ପୁଲିସ କମିଶନରଙ୍କୁ ଚିଠି ଲେଖି ସତର୍କ କରାଇଛନ୍ତି। ମାମଲାକୁ ଗୁରୁତ୍ୱର ସହ ନେଇ ପଞ୍ଜାବରୁ ଦିଲ୍ଲୀ ଆସୁଥିବା ଗାଡ଼ି ଗୁଡ଼ିକୁ ଭଲ ଭାବରେ ଯାଞ୍ଚ କରିବା ପାଇଁ ଦିଲ୍ଲୀ ପୁଲିସକୁ ଚିଠି ଲେଖିଛନ୍ତି ଉପରାଜ୍ୟପାଳ ଭି.କେ ସକ୍ସେନା। ସେପଟେ ଏହି ପ୍ରସଙ୍ଗରେ ବିଜେପିକୁ ଟାର୍ଗେଟ କରିଛନ୍ତି ଅରବିନ୍ଦ କେଜ୍ରିୱାଲ।

## ପାକିସ୍ତାନର ଏୟାରଷ୍ଟ୍ରାଇକ୍ ତାଲିବାନର ପ୍ରତିଶୋଧ : ସୀମାରେ ପଶି ସେନା ଶିବିରରେ କଲା ବୋମାମାଡ

ନୂଆଦିଲ୍ଲୀ, ୨୮/୧୨ : ପାକିସ୍ତାନର ଏୟାରଷ୍ଟ୍ରାଇକ୍ ପରେ ଆରମ୍ଭ ହେଲା ତାଲିବାନର ପ୍ରତିଶୋଧ । ପାକିସ୍ତାନ ସୀମାରେ ପଶି ବିଭିନ୍ନ ସ୍ଥାନରେ ଆଫଗାନିସ୍ଥାନର ତାଲିବାନ ସେନା ବୋମାମାଡ କରିଥିବା ସୂଚନା । ଆକ୍ରମଣ କିଛି ଚିତ୍ର ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଜଣାପଡିଛି । ଏହି ଆକ୍ରମଣରେ ୧୯ଜଣ ପାକ୍ ଯବାନଙ୍କ ମୃତ୍ୟୁ ଘଟିଥିବା ଅନ୍ତର୍ଜାତୀୟ ଗଣମାଧ୍ୟମରେ କୁହାଯାଇଛି । ▶▶ପୃଷ୍ଠା ୭



# ଶିବାନନ୍ଦ କଳାବିକାଶ କେନ୍ଦ୍ରର ବାର୍ଷିକୋତ୍ସବ ଉଦ୍‌ଯାପିତ

ବାଲେଶ୍ୱର, ୨୮/୧୨ (ନି.ପ୍ର): କୁରୁଡ଼ାସ୍ଥ ଶିବାନନ୍ଦ କଳାବିକାଶ କେନ୍ଦ୍ରର ଏକବିଂଶତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦଯାପିତ ହୋଇଛି। ଅପରାହ୍ନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରେମୁଣା ବ୍ଲକ ଅଧକ୍ଷ ରାଜେନ୍ଦ୍ର ରାଉତ, ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ପରିଷଦ ସଭାପତି ଗିରୀଶଚନ୍ଦ୍ର ଦାଶ, ସମ୍ମାନିତ ଅତିଥି ଭାବେ 'ସମାଜ' ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ ଶଶିରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଯେ କୌଣସି କ୍ଷେତ୍ରରେ ଏକାଗ୍ରତା ଓ ନିଷ୍ଠା ରହିଲେ ଯେକେହି ସଫଳତାର ଶୀର୍ଷରେ ପହଞ୍ଚିପାରିବ ବୋଲି



ଅତିଥିଗଣ କହିଥିଲେ। ଅନୁଷ୍ଠାନର ସଭାପତି ଶାନ୍ତନୁ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉପସଭାପତି ତଥା ସାଂସ୍କୃତିକ ସମ୍ପାଦକ ସୂର୍ଯ୍ୟକାନ୍ତ ପଣ୍ଡା ଅତିଥି ପରିଚୟ ଦେଇଥିବା ବେଳେ ସମ୍ପାଦିକା ଉଷାମଣି ପଡ଼ିଆରୀ ବାର୍ଷିକ ବିବରଣୀ ରଖିଥିଲେ। ଏହି ଅବସରରେ ଉଦୀୟମାନ କଣ୍ଠଶିଳ୍ପୀ ଆକାଶକୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଶେଷରେ ଅନୁଷ୍ଠାନର ଅଧକ୍ଷ ମନୋରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଅଭିଭାବକ ଉପସ୍ଥିତ ଥିଲେ। ଗୁରୁବାର ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଉପସଭାପତି ସୂର୍ଯ୍ୟକାନ୍ତ ପଣ୍ଡା ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସୁଧାକର ନାଏକ, ମୁଖ୍ୟବକ୍ତା ଭାବେ ଶିଳ୍ପୀ କେଶୁ ଦାସ, ସୁବ୍ରତ ମହାକୁଳ, କୁରଡ଼ା ସରପଞ୍ଚ ତାପସକୁମାର ପାଣିଗ୍ରାହୀ ପ୍ରମୁଖ ବକ୍ତବ୍ୟ ରଖି ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଅନୁଷ୍ଠାନର ଅଧକ୍ଷ ଶ୍ରୀ ମହାନ୍ତି ଓ ସମ୍ପାଦିକା ଶ୍ରୀମତୀ ପଡ଼ିଆରୀ ମଧ୍ୟ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତା ତଥା କାର୍ଯ୍ୟକ୍ରମ ପରିଚାଳନାରେ ଗୁରୁମା ଶୁଭଶ୍ରୀ ସାହୁ, ପ୍ରଦୀପକୁମାର ପ୍ରଧାନ, ଖଗେଶ୍ୱର ଗୋଚ୍ଛାୟତ ପ୍ରମୁଖ ସହାୟତା କରିଥିଲେ। ଉଭୟ ଦିବସରେ ବ୍ରହ୍ମାକୁମାରୀ ତିଳୋତ୍ତମା ଭଉଣୀ ଓ ସାଥୀଙ୍କ ଦ୍ୱାରା ଆଧାତ୍ମିକ ପାଲା ପରିବେଷଣ କରାଯାଇଥିଲା। ବାଲେଶ୍ୱର ପ୍ରଜାପତି ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସହସଞ୍ଚାଳିକା ବିକେ ମିନତୀ ଏହି କାଯ୍ୟକ୍ରମକୁ ଉଦଘାଟନ କରିଥିଲେ।

# ପିଏମ୍ ପୋଷଣ ଯୋଜନାରେ ପାଚିକା ଓ ସହାୟିକାଙ୍କ ନିମନ୍ତେ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର

ଜୟପୁର, ୨୮/୧୨ (ନି.ପ୍ର): ଗଣଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲାର ଜୟପୁର ଗୋଷ୍ଠି ଶିକ୍ଷାଧିକାରିଙ୍କ କାଯ୍ୟାଳୟ ତରଫରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସରକାର ପିଏମ୍ ପୋଷଣ ଯୋଜନାରେ ପାଚିକା ଓ ସହାୟିକାଙ୍କ ନିମନ୍ତେ ଏକ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଏବଂ ରନ୍ଧନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ସରକାରୀ ବାଳିକା ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସରକାରୀ ପୌର ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ନୋଡାଲ ବିଦ୍ୟାଳୟ ଆମ୍ବାଗୁଡାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ତିନୋଟି ସ୍ଥାନରେ ଉଦ୍‌ଯାପନ ହୋଇଛି । ଏଠାରେ ମୁଖ୍ୟ ଅତିଥି ଭାବେ ଜୟପୁର ଗୋଷ୍ଠି ଶିକ୍ଷାଧିକାରି ଚନ୍ଦନ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠି ଶିକ୍ଷାଧକାରି କୈଶାଳ ଶତପଥି ଯୋଗଦେଇ ଥିଲେ । ଆୟୋଜିତ ଶିବିରରେ ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ମୋଟ ୫୦୮ ଜଣ ପାଚିକା, ସହାୟିକା ଅଂଶ ଗ୍ରହଣ କରିଥିବା ବେଳେ ସେମାନଙ୍କ ମଧ୍ୟରେ ରନ୍ଧନ ପ୍ରତିଯୋଗିତା କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ପିଏମ ପୋଷଣ ଯୋଜନାର ସଂଯୋଜକ ମନୋଜ ପଟ୍ଟାନାୟକ ପରିଚାଳନା କରିଥିଲେ । ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କେ ଗୋପିନାଥ ପଟ୍ଟନାୟକ, ନରସିଂହ ପାଣିଗ୍ରାହୀ, ସମାଜସେବି କୃଷ୍ଣ ନନ୍ଦ, ଅବସରପ୍ରାପ୍ତ ଏସଆଇ ହରିହର ପାଳ ରହିଥିଲେ । ଶିକ୍ଷକ ଆଦିତ୍ୟା ମିଶ୍ର, ରମେଶ ନାୟକ, ଘନସ୍ୟାମ ଭୋଇ ସହ ଯୋଗ କରିଥିଲେ । ଖାଦ୍ୟର ମାନ ଓ ସ୍ୱଛତା ଉପରେ ପରୀକ୍ଷଣ କରିଥିଲେ । ପ୍ରଶିକ୍ଷକ ଭାବେ ସାଧନ ସଂଯୋଜକ, ହରିହର ପଟ୍ଟନାୟକ, ଅଶୋକ ସ୍ୱାଇଁ ମନୋଜ କୁମାର ପଟ୍ଟନାୟକ, ଜଗନ୍ନାଥ ମିଶ୍ର, ସଞ୍ଜୁକ୍ତା ରାଉତ, ସର୍ବେଶ୍ୱର ପଟ୍ଟନାୟକ ଭାଗିରଥି ବାରିକ ଓ ଦେବାଶିଶ ପାଳ ଉପସ୍ଥିତ ଥିଲେ । ଖାଦ୍ୟ ପ୍ରସ୍ତୁତ ବେଳେ ସ୍ୱଛତା, ପୃଷ୍ଟିଯୁକ୍ତ ଚାଉଳ ଉପରେ ପ୍ରଶିକ୍ଷଣ ଦେଇଥିଲେ । କୃତି ପ୍ରତିଯୋଗୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ଜୟପୁର ଗୋଷ୍ଠି ଶିକ୍ଷାଅଧିକାରୀ କାର୍ଯ୍ୟାଳୟର ସମସ୍ତ ସାଧନ ସଂଯୋଜକ, ବିଦ୍ୟାଳୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପରିଚାଳନାରେ ସହାୟତା କରିଥିଲେ ।

## ସ୍ୱାଭିମାନ ଅଂଚଳର ଲୋକେ ଏବେବି ଅଭିମାନୀ

ମାଲକାନଗିରି, ୨୮/୧୨ (ନି.ପ୍ର): ଗୁରୁପ୍ରିୟା ସେତୁ ଉଦଘାଟନ ୬ ବର୍ଷ ପୁରିଛି। ବିଛିନ୍ନାଚଂଳରୁ ସ୍ୱାଭିମାନ ଅଂଚଳ ହୋଇଛି। କିନ୍ତୁ ବାସ୍ତବରେ ଏଠାକାର ଲୋକେ ସ୍ୱାଭିମାନୀ ହୋଇନାହାନ୍ତି। ଏବେ ବି ଅପହଂଚ ଅନେକ ଗାଁ, ମୌଳିକ ସୁବିଧାରୁ ବଂଚିତ ଅନେକ ଲୋକ। ବନ୍ଦ ହୋଇନାହିଁ ଯାତ୍ରୀବାହୀ ଲଂଚ୍ କି ବନ୍ଦ ହୋଇନାହିଁ ବୋଟ୍ ଆମ୍ବୁଲାନ୍ସ। କିଛି ଗାଁରେ ରାସ୍ତା ନଥିବାରୁ ଏବେ ବି ଘୋଡ଼ା ପାଲଟିଛି ଲୋକଙ୍କ ଭରସା। ଏପରିକି କିଛି ଘାଟି ଉପର ଗାଁରେ ନା ଅଛି ରାସ୍ତା ନା ଅଛି ଅଙ୍ଗନବାଡ଼ି, ନା ଅଛି ବିଦ୍ୟୁତ ସେବା। କାଗଜ କଲମରେ ବିକାଶ ହୋଇଥିବା ଦର୍ଶାଯାଉଥିବା ବେଳେ ବାସ୍ତବ ସ୍ଥିତି ସଂପୂର୍ଣ୍ଣ ଅଲଗା ରହିଛି। ଅନ୍ୟଦିଗରେ ପ୍ରଶାସନ ମଧ୍ୟ ଏକଥା ସ୍ୱୀକାର କରିବା ସହ ସେସବୁ ଅଂଚଳକୁ ଖୁବଶୀଘ୍ର ବିକାଶ କରିବାକୁ କହିଛି। ମାଲକାନଗିରି ଜିଲ୍ଲାର ବହୁ ପ୍ରତିକ୍ଷୀତ ସେତୁ ଗୁରୁପ୍ରିୟା। ଯାହାକି ବିଛିନ୍ନାଚଂଳକୁ ସଂଯୋଗ କରିବା ସହ ନାମ ପରିବର୍ତନ ହୋଇ ସ୍ୱାଭିମାନ ଅଂଚଳ କରିଥିଲା। ଆଉ ୬ ବର୍ଷ ପରେ ସ୍ୱିଲଓ୍ୱେ ଘାଟର ଚିତ୍ର ଦେଖିଲେ ସହଜରେ ଜଣେ ସ୍ଥିତି ସଂପର୍କରେ ବୁଝିଯିବ। ଏବେ ବି ଚାଲିଛି ଯାତ୍ରୀବାହୀ ଲଂଚ୍। ଲଂଚ୍ ରେ ଜଳଯାତ୍ରା କରୁଛନ୍ତି ସ୍ୱାଭିମାନ ଅଂଚଳର ଲୋକେ। ଏପରିକି ସାମଗ୍ରୀ ମଧ୍ୟ ଲଂଚ୍ ରେ ନେଉଛନ୍ତି। ଏହି ଚିତ୍ର ବୟାନ କରୁଛି ଗତ ୬ ବର୍ଷ ମଧ୍ୟରେ କେତେ ବିକଶିତ ହୋଇଛି ସ୍ୱାଭିମାନ ଅଂଚଳ। ଅଂଚଳର କିଛି ଲୋକେ ଘୋଡା ମାଧ୍ୟମରେ ଜିନିଷ ପତ୍ର ନେବା ଆଣିବା କରୁଛନ୍ତି। ଗୋଟିଏ ଦୁଇଟି ଘରେ ମଟର ସାଇକେଲ ଥିବା ବେଳେ ସେମାନେ କଷ୍ଟରେ ଯିବା ଆସିବା କରୁଥିବା ବେଳେ ଯାହାର ବାଇକ ନାହିଁ ସେମାନଙ୍କର ସାହାରା ପାଲଟିଛି ଘୋଡା ଓ ଖଚର। ଏମାନଙ୍କର ମୁଖ୍ୟ ଖାଦ୍ୟ ହେଉଛି ଭାତ ଆଉ ଆମଟ ଝୋଳ ଅର୍ଥାତ ଭାତ ସାଂଗକୁ ତେନ୍ତୁଳି ଝୋଳ। ଅଙ୍ଗନବାଡିଟିଏ ନଥିବାରୁ ଶିକ୍ଷା କଣ ଜାଣିନାହାନ୍ତି ଏଠିକାର କୁନି କୁନି ପିଲା। କେବଳ ଏହି ଗୋଟିଏ ଗାଁ ନୁହେଁ ବରଂ ସ୍ୱାଭିମାନ ଅଂଚଳର ଅନେକ ଗାଁର ବାସ୍ତବ ସ୍ଥିତି ଏହିପରି।

# ଜୟନ୍ତ ହଂସରାଜଙ୍କ କାବ୍ୟଗ୍ରନ୍ଥ 'ଗୀତିମାଲ୍ୟ' ଉନ୍ମୋଚିତ

## ଭାରତୀୟ ଛନ୍ଦ କବିତା ସାରା ପୃଥିବୀରେ ଶ୍ରେଷ୍ଠ : ହରପ୍ରସାଦ ଦାସ

ବାଲେଶ୍ୱର, ୨୮/୧୨ (ନି.ପ୍ର): ସମଗ୍ର ବିଶ୍ୱ ସାହିତ୍ୟରେ ଭାରତୀୟ ଛନ୍ଦସାହିତ୍ୟ ହିଁ ଶ୍ରେଷ୍ଠ ଓ ଅନନ୍ୟ ଏବଂ ପୃଥିବୀର ସମସ୍ତ ସଭ୍ୟତା ମଧ୍ୟରୁ ଭାରତୀୟ ସଭ୍ୟତା ହିଁ କେବଳ ବଞ୍ଚିରହିଛି । ଆଞ୍ଚଳିକ ଭିତ୍ତିରେ ଓଡ଼ିଆ ଭାଷାର ବୈଚିତ୍ୟ ପାଇଁ ଏହା ଅତ୍ୟନ୍ତ ଚଳଚଞ୍ଚଳ ଓ ସମୃଦ୍ଧ ତଥା ଆମୋଦଦାୟକ । ଓଡ଼ିଆ ଭାଷାର ପ୍ରତିଟି ଅକ୍ଷର ଓ ଫଳା ଇତ୍ୟାଦିର ବ୍ୟବହାର ହେବା ଯୋଗୁଁ ଅନ୍ୟଭାଷାମାନଙ୍କ ଠାରୁ ଏହା ସ୍ୱତନ୍ତ୍ର । ଆମର ସୌଭାଗ୍ୟ ଯେ ଆମେ ଏହି ଭାଷାର ପରିଚୟ ନେଇ ପରିଚିତ ବୋଲି 'ବିଦ୍ୟଭାରତୀ' ଦ୍ୱାରା ପ୍ରକାଶିତ କବି ଜୟନ୍ତ ହଂସରାଜଙ୍କ ଛନ୍ଦକାବ୍ୟ ସଂକଳନ 'ଗୀତିମାଲ୍ୟ'ର ଉନ୍ମୋଚନ ଉତ୍ସବରେ ଉନ୍ମୋଚକ ତଥା ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହା କହିଛନ୍ତି ।




ସ୍ଥାନୀୟ ଷ୍ଟେସନ୍ କ୍ଲବ୍ ସଭାଗୃହରେ ପୁସ୍ତକର ପ୍ରକାଶକ କବି ଅଭୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସ୍ତମ୍ଭକାର ଓ ପ୍ରାବନ୍ଧିକ ଉପେନ୍ଦ୍ର ବିଶ୍ୱାଳ ଯୋଇଦେଇ କହିଥିଲେ ଯେ ଯେଉଁ ଦେଶ ବିଦ୍ୟାଚର୍ଚ୍ଚାରେ ଯେତେ ଆଗୁଆ ଏବଂ ଯେଉଁ ଦେଶର ଅଧିବାସୀ ମାନବସମାଜର ପ୍ରଗତି ଓ ସୁରକ୍ଷା ପାଇଁ ଯେତେ ସମର୍ପିତ ସେ ଦେଶ ସେତେ ସମୃଦ୍ଧ ଓ ସଂସ୍କୃତ । ସଭାପତି ତାଙ୍କ ଅଭିଭାଷଣରେ କହିଥିଲେ ଯେ ଓଡ଼ିଶାରେ ପୂର୍ବସୂରୀମାନଙ୍କ ପ୍ରତି ଅବଜ୍ଞା ଓ ଅସମ୍ମାନ ପ୍ରଦର୍ଶନର ଯେଉଁ ଉଦ୍ୟମ ଆରମ୍ଭ ହୋଇଛି ତାହା ପରମ୍ପରାରେ ପରିଣତ ନହେଉ । ପୂର୍ବଜ ଲେଖକମାନଙ୍କ ପ୍ରତି ଉତ୍ତର ପିଢ଼ି ଯଥାଯଥ ସମ୍ମାନ ପ୍ରଦର୍ଶନ କରିବା ଶିକ୍ଷା କରନ୍ତୁ । ସଭା ପ୍ରାରମ୍ଭରେ ଗୁରୁ ସତ୍ୟଜିତ୍ ମହାରଣାଙ୍କ ଗୀଟାରରେ ଶାସ୍ତ୍ରୀୟ ରାଗ ପରିବେଷଣ ଏବଂ ଗୁରୁ କମଳାକାନ୍ତ ବେହେରା ଓ ଗୁରୁ ଇଂ ତୀର୍ଥରଞ୍ଜନ ବଳଙ୍କର ତବଲାବାଦନ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ଏବଂ ଏହି କଳାକାରମାନଙ୍କୁ ମୁଖ୍ୟଅତିଥି ଡକ୍ଟର ଦାସ , ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ସୁବାସ ପାତ୍ର, ସଗୀତ ଗୁରୁ ବ୍ରଜେଶ ପଣ୍ଡା ପ୍ରମୁଖ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ପ୍ରାଥମିକ ସୂଚନା ପ୍ରଦାନ ଏବଂ କଳାକାରମାନଙ୍କର ପରିଚୟ ପ୍ରଦାନ କରିଥିଲେ ଅଧ୍ୟାପକ ପ୍ରବୀର କମିଳା ଓ ଚିଦାନନ୍ଦ ଅର୍ପିତା । କବି ଜୟନ୍ତ ହଂସରାଜ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଓମ୍ ପ୍ରୟାସ, ଗୋବର୍ଦ୍ଧନ ମାଝୀ, ନିଗମ୍ ଶାଶ୍ୱତ ସାହୁ, ଶୁଚିସ୍ମିତା କର ଏ ବଂ ରଶ୍ମିତା ପ୍ରମାଣିକ୍ ।

# ଇଉଜି ସିଟିଇର ବାର୍ଷିକ କ୍ରୀଡା ଉଦ୍‌ଯାପିତ

ବାରିପଦା, ୨୮/୧୨ (ନି.ପ୍ର): ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ତିନି ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଆଜି ଅପରାହ୍ନ ରେ ଉଦଯାପିତ ହୋଇଯାଇଛି । ସହକାରୀ ପ୍ରଫେସର ଡକ୍ଟର ତ୍ରିନାଥ ମଲ୍ଲିକ ଓ ଅଧ୍ୟାପକ ଧ୍ରୁବଚରଣ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ରେ ସମସ୍ତ ସହକାରୀ ପ୍ରଫେସର ଙ୍କ ସହଯୋଗ ରେ କ୍ରିକେଟ, ଭଲି ବଲ, ବେଡ଼ମୀଣ୍ଟନ ସମେତ ପ୍ରାୟ କୋଡିଏ ଟି କ୍ରୀଡାପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ତକତପୁର ଶିବ ମନ୍ଦିର ଠାରୁ ମଶାଲ ଯାତ୍ରା ସହ ଆରମ୍ଭ ହୋଇଥିବା ଏହି କ୍ରୀଡା ପ୍ରତିଯୋଗିତା ପୁରସ୍କାର ପ୍ରଦାନ ସହ ଉଦଯାପିତ ହୋଇଥିଲା । କଲେଜର ଅଧକ୍ଷ ପ୍ରଫେସର ଡକ୍ଟର ସଞ୍ଜୟ କୁମାର ଦେ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦଯାପନୀ ସଭାରେ ଅତିଥିଭାବେ ଡକ୍ଟର ସରୋଜ ନାୟକ, ଉମେଶ ଚନ୍ଦ୍ର ମାଝୀ, ଡକ୍ଟର ଚିତ୍ରସେନ ସେଠୀ, ସରୋଜ ଦାସ, ରାଜକିଶୋର ରାଉଳ, ସନ୍ଦୀପ ସିଂ, କେ ଲକ୍ଷ୍ମୀ ସେନାପତି ଖିରୋଦ ଚୌଧୁରୀ, ନବୀନ ସିଂ ଯୋଗ ଦେଇ ବିଭିନ୍ନ ପର୍ଯ୍ୟାୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବାଳକ ବିଭାଗ ରେ ଓ ବାଳିକା ବିଭାଗ ଶିବ ସିଂ ଓ ଲିଳିରାଣୀ ଜେନା ଯଥାକ୍ରମେ ରେ ଚମ୍ପିୟାନ ହୋଇ ପୁରସ୍କୃତ ହୋଇଥିଲେ ।

# ସୁରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସ

ଜଳେଶ୍ୱର, ୨୮/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ବାଇଗଣବାଡିଆ ପଞ୍ଚାୟତ ପାଳସାହି ଗ୍ରାମର ସୁରେନ୍ଦ୍ର ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ ରୋମନ୍ଥନ କରୁଛି ତାର ଅତୀତ ଗାଥାର ସମସ୍ତ ସ୍ମୃତି ।ସେହି ସ୍ମୃତିକୁ ପରସ୍ପର ମଧ୍ୟରେ ବାଣ୍ଟିବା ପାଇଁ ଏବଂ ତାକୁ ଧରି ରଖିବା ପାଇଁ ମନ ଆଇନାର ପରଶମଣିରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଆଜି ପାଳନ କରୁଛି ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର ଉପସଭାପତି ଶ୍ରୀଯୁକ୍ତ ଚନ୍ଦ୍ରକାନ୍ତ ଅଣ୍ଡିଆଙ୍କ ସଭାପତିତ୍ୱରେ ଦ୍ୱିତୀୟ ଦିବସ ସୁବର୍ଣ୍ଣଜୟନ୍ତୀ ସମାରୋହ ଉତ୍ସବ ଅନୁଷ୍ଠିତ ହୋଇଥିଲା ।ଏହି ସୁବର୍ଣ୍ଣଜୟନ୍ତୀ ସମାରୋହ ଦ୍ୱିତୀୟ ଦିବସ ଉତ୍ସବରେ ସମ୍ବାଦ ପତ୍ରିକାର ପ୍ରତିଷ୍ଠାତା ତଥା ପ୍ରବୀଣ ରାଜନିତିଜ୍ଞ ଶ୍ରୀଯୁକ୍ତ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୂଖ୍ୟ ଅତିଥି ଭାବେ ଯୋଗ ଦେଇ ଜଣେ ଭଲ ଛାତ୍ର ହେବାକୁ ହେଲେ ପ୍ରଥମେ ନିଜ ମାଆ,ମାଟି ଓ




ମାତୃଭାଷା କୁ ସମ୍ମାନ ଦେବା ସହିତ ନିରୋଗ ରହିବା,ନିରାଡମ୍ବର ଜୀବନ ଯାପନ କରିବା,ସତ୍ୟ ସହିତ ସାଙ୍ଗ ବନେଇବା ଓ ନିଶା ମୁକ୍ତ ପରିବେଶ ସୃଷ୍ଟି କରିବା ।ଏହି ସବୁ ନିୟମ ପାଳନ କରିପାରିଲେ ଭଲ ଛାତ୍ର ହୋଇ ପାରିବ ।ଆମ ଓଡ଼ିଶାର ସମ୍ପାଦକ ଶ୍ରୀଯୁକ୍ତ ଅରବିନ୍ଦ ଦାସ ମୂଖ୍ୟ ବକ୍ତା ଭାବେ ଯୋଗଦେଇ ଶିକ୍ଷ୍ୟା ବଳରେ ଆମେ ଶିକ୍ଷ୍ୟାଦାନ ପାଇଛୁ ବୋଲି ବକ୍ତବ୍ୟ ପ୍ରଦାନ କରିଥିଲେ। ଧୂରିଣ ସମାଜସେବୀ ଶ୍ରୀଯୁକ୍ତ ସୁଦର୍ଶନ ଦାସ, ଅବସରପ୍ରାପ୍ତ ଓ.ଇ.ଏସ୍ (୧) ଡ. କାଳୀକିଙ୍କର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସିଦ୍ଧେଶ୍ୱର ଆଚାର୍ଯ୍ୟ, ଓଷ୍ଟା ବାଲେଶ୍ୱର କାର୍ଯ୍ୟକାରି ସଭାପତି ଶ୍ରୀଯୁକ୍ତ ରାଜେନ୍ଦୁ ବିକାଶ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଶ୍ରୀଯୁକ୍ତ ବିଜୟ କୁମାର ଗିରି ମଞ୍ଚ ଆହ୍ୱାନ,ଅତିଥି ପରିଚୟ ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ ହୋଇଥିଲା ।ଶେଷରେ ଶ୍ରୀଯୁକ୍ତ ରବୀନ୍ଦ୍ର ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ବିଦ୍ୟାଳୟର ସହଯୋଗୀ ପ୍ରତିଷ୍ଠାତା ଜୀବନକୃଷ୍ଣ କର,ଅନାଦି ଚରଣ ଗିରି,ହରେକୃଷ୍ଣ ପ୍ରଧାନ,ଲବଙ୍ଗଲତା ଗିରି, ପଦ୍ମଲତା ପ୍ରଧାନ,ସୁଲୋଚନା ଗିରି,ଲକ୍ଷ୍ମଣ କୁମାର ବେହେରା,ପଞ୍ଚାନନ ପ୍ରାମାଣିକ, ସରସ୍ୱତୀ ପାତ୍ର,ଯତୀନ୍ଦ୍ର ନାଥ ଗିରି ଅତିଥି ମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇ ଥିଲା। ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳନ

ରୂପସା , ୨୮/୧୨ (ନି.ପ୍ର): ଆଶ୍ରମର ବରିଷ୍ଠ ଯୋଗସାଧକ ଯୋଗୀ ପରମାନନ୍ଦ ମୁନିଜୀଙ୍କ କନିଷ୍ଠା କନ୍ୟା ଆୟୁଷ୍ମତୀ ମୁନିମତୀ ସନ୍ତୋଷିନୀ ବାରିକଙ୍କ ଜ୍ୟେଷ୍ଠା କନ୍ୟା ଆୟୁଷ୍ମତୀ ମୁନିକୁମାରୀ ରାଜଶ୍ରୀ ରାଜନ ନ୍ଦିନୀ ର ୧୪ତମ ଶୁଭ ଜନ୍ମ ଦିନ, ଆଶ୍ରମର କୋଷାଧକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରୀ ଚରଣ ମୁନିଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରଥମେ ସମୂହ ପ୍ରଣବ,ଶୁଭଭାବନା, ବେଦପାଠ, ଶାନ୍ତି ପାଠ,କରାଯାଇ ମୁନି କୁମାରୀ ରାଜଶ୍ରୀ ରାଜନନ୍ଦିନୀଙ୍କୁ, ତାଙ୍କର ନିରୋଗ ନିରାମୟ ଆନନ୍ଦମୟ ଜୀବନ ସହିତ ଉଜ୍ଜ୍ୱଳ ଭବିଷ୍ୟତର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଉପସ୍ଥିତ ଥିଲେ. ଆତ୍ମଜ୍ଞାନୀ ମୁନିରାଜ୍ଞୀ ବିମଳା ଲେଙ୍କା, ମୁନିମତୀ କୈକେଇ ଜେନା, ମୁନିମତୀ ଯମୁନା ପାତ୍ର,ଆତ୍ମଜ୍ଞାନୀ ମୁନିରାଜ୍ଞୀ ସୁମତୀ ଦଳାଇ, ମୁନିମତୀ ପୂର୍ଣ୍ଣିମା ବର, ଆତ୍ମଜ୍ଞାନୀ ଶକୁନ୍ତଳା ପରିଡା ପ୍ରମୁଖ ବାହୁ



ଆଦର୍ଶ ସାଧିକା ମାନଙ୍କ ସହିତ ମୁନିକୁମାରପମୁନି କୁମାରୀମାନେ । ସେଇ ସନ୍ତାନମାନେ ଅନ୍ୟ, ଯେଉଁ ପିଲାମାନେ, ନିଜର ପିତାମାତାଙ୍କୁ ଭଗ୍ୱରଙ୍କ ସତ୍ତାର ପ୍ରତିମୂର୍ତ୍ତୀ ହିସାବରେ ଦେଖିବାରେ ସକ୍ଷମ ହୋଇଥାନ୍ତି ।ଏହାକୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ ଯୋଗୀ ପରମାନନ୍ଦ ମୁନି । ପ୍ରତିଦିନ ପ୍ରଣବ, ଯୋଗସାଧନ କଲେ ପ୍ରଚଣ୍ଡ ସ୍ମରଣଶକ୍ତି ବୃଦ୍ଧିପାଇବା ସହିତ ଶାରିରୀକ ସୁସ୍ଥତା ଆସିଥାଏ । ପ୍ରକୃତି ସାଧକଙ୍କୁ ସମସ୍ତ ଆବଶ୍ୟକତା ଯୋଗାଇ ଚାଲିଥାଏ ।ଶେଷରେ ଅଜା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ବେତନଟୀ ପ୍ରିମିୟର ଲିଗ୍ : ସେମିଫାଇନାଲରେ ଆରିୟନ ଫାଇଟର

ବେତନଟୀ, ୨୮/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୧ ର ୧୧ ଦିନରେ ପ୍ରଥମ ଏଲିମେଣ୍ଟର ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମ୍ୟାଚ ଟି ଆରିୟନ ଫାଇଟର ଓ ଦାନି -୧୧ ଚିତ୍ରଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚରେ ଦାନି -୧୧ ଚିତ୍ରଡା ୨୫ ଓଭରରେ ୯ ୱିକେଟ ହରାଇ ୧୭୩ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଜବାବରେ ଆରିୟନ ଫାଇଟର ୨୩.୧ ଓଭରେ ରେ ୬ ୱିକେଟ ହରାଇ




୧୭୯ ରନ କରି ବିଜୟ ଲାଭ କରି ସେମିଫାଇନାଲ ରେ ପ୍ରବେଶ କରିଛି । ଆରିୟନ ଫାଇଟର ର ଖେଳାଳି ଶିବ ନାରାୟଣ ନାଏକ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚଙ୍କୁ ବରିଷ୍ଠ ଖେଳାଳି ପ୍ରାକାଶ ଜ୍ୟୋତି ଆଦିତ୍ୟ ପୁରସ୍କୃତ କରିଥିଲେ। ଏହି ଖେଳକୁ କେ ଇନ୍ଦ୍ର ପ୍ରସାଦ ଓ ଅନୁପ ଦଣ୍ଡପାଟ ପରିଚାଳନା କରିଥିଲେ। ସ୍କୋର ଦାୟିତ୍ୱରେ ରବୀନ୍ଦ୍ର ସାହୁ ଅନଲାଇନ ସ୍କାର ଭାବରେ ଗୌରବ ନାଥ, ପରିଚାଳନା କରିଥିଲେ । ଏହି ଖେଳକୁ ମନୋଜ କୁମାର ପଣ୍ଡା, ନରୋତ୍ତମ ମହାନ୍ତ, କରଣ ନାଥ, ଭାଗ୍ୟ ରଞ୍ଜନ ବେହେରା, ଚନ୍ଦନ ଗିରି ପ୍ରମୁଖ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ପ୍ରଥମ ଦିନରେ ୨ଟି ନାଟକ ପରିବେଷଣ

କେନ୍ଦ୍ରାପଡ଼ା, ୨୮/୧୨ (ନି.ପ୍ର): ବିବିଧ କଳାର ସମାବେଶୀ ମଂଚ 'ସିମ୍ଫୋନି' ଆନୁକୂଲ୍ୟରେ ଭୁବନେଶ୍ୱରର ସୁନାମ ଧନ୍ୟ ନାଟ୍ୟସଂସ୍ଥା 'ଅଜିତ୍'ର ଲୋକପ୍ରିୟ ନାଟକ ଏନ୍.ଏଚ୍.୩୧୬ ପରିବେଷଣ ହୋଇଥିଲା। ଏହି ବହୁଚର୍ଚ୍ଚିତ ନାଟକ ଜାତୀୟ ରାଜପଥରେ ମଧ୍ୟରାତ୍ରିରେ ସଙ୍ଗଠିତ ଏକ ବାସ୍ତବ ଅନୁଭୂତି ଆଧାରିତ ଘଟଣା ଉପରେ ପର୍ଯ୍ୟବେସିତ ଓ ଏହାକୁ ନିଖୁଣ ଭାବରେ ଅଭିନୟ କରି ଦର୍ଶକମାନଙ୍କ ମନମୋହିତ କରିଥିଲେ ଓ ଏହାର ପରିକଳ୍ପନା କରିଥିଲେ ଅଜିତ ଦାସ, ନିର୍ଦ୍ଦେଶନା ଦେଇଥିଲେ ଦିପକ କୁମାର ପାଣି ଓ ଦ୍ୱିତୀୟ ସୋରେ ଲୋକପ୍ରିୟ ନାଟ୍ୟସଂସ୍ଥା ଶତାବ୍ଦୀର କଳାକାର ନାଟକ 'ଜୀବନ୍ୟାସ' ପରିବେଷଣ ହୋଇଥିଲା। ଏହାକୁ ରଚନା ଓ ନିର୍ଦ୍ଦେଶନା ଶ୍ରୀ ଧିର ମଲ୍ଲିକ। ସାଧାରଣ ଜନତା ମନରେ ଧର୍ମକୁ ନେଇ ଯୁଗ ଯୁଗ ଧରି ଯେଉଁ ଦୁର୍ବଳତା ରହିଆସିଛି ଓ ତାହାର ସୁଯୋଗ ନେଇ କିପରି ବୁଦ୍ଧିମାନ ଶାସକ ଗୋଷ୍ଠୀ ସାଧାରଣ ଜନତାକୁ ଶୋଷଣ କରନ୍ତି ଏବଂ ତାହା ବିରୁଦ୍ଧରେ ସ୍ୱର ଉଠାଇଥିବା ବ୍ୟକ୍ତିର ପରିଣାମ ଯେ କ'ଣ ହୋଇପାରେ, ସେ ବିଷୟରେ ଅତି ସୁନ୍ଦର ଭାବରେ ଅଭିନୟ କରିଥିଲେ। ଭରପୁର ଦର୍ଶକଙ୍କ କରତାଳି ଅଭିନୟ ଚମତ୍କାର ହୋଇଥିଲା ବୋଲି ସୂଚାଉ ଥିଲା। ସର୍ବଶେଷରେ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନିଲୁ ମହାପାତ୍ର, ବିଶଷ୍ଟ କଥାକାର ଡ. ରାମଚନ୍ଦ୍ର ବେହେରା, ଆମ ଓଡ଼ିଆର ମୁଖ୍ୟ ବ୍ୟବସ୍ଥାପକ ଶ୍ରୀ ଶ୍ରଦ୍ଧାନନ୍ଦ ମହାରଣା ଦୁଇ ନାଟ୍ୟସଂସ୍ଥାର ପ୍ରତ୍ୟେକ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାକୁ ସିମ୍ଫୋନିର ସମ୍ପାଦକ ଡ. ବିନାୟକ ପ୍ରସାଦ ପ୍ରଧାନ, ସୁକାନ୍ତ ପ୍ରଧାନ, ସ୍ୱପ୍ନାଂଶୁ କୁମାର ଦାସ, ଡ. ଗିରିଜାକାନ୍ତ ଦାସ ପରିଚାଳନା କରିଥିଲେ। ଏଥିରେ ବଂଶୀଧର ମହାନ୍ତି ହିମାଂଶୁ ଭୂଷଣ ପରିଡ଼ା, ଦିବ୍ୟରଞ୍ଜନ ବେହେରା ସହାୟତା କରିଥିଲେ। ପ୍ରଥମ ଦିବସରେ ଯୁବ ତରଙ୍ଗ କାର୍ଯ୍ୟକ୍ରମ ଆରମ୍ଭରେ ଭାରତର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଥିଲା। ଆସନ୍ତାକାଲି ରାଜ୍ୟର ସୁନାମଧନ୍ୟ ନାଟ୍ୟସଂସ୍ଥା ଦ୍ୱାରା ମାଗୁଣିର ଶଗଡ଼, ଏବଂ କିଏ ପରିବେଷଣ କରାଯିବ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୯ ଡିସେମ୍ବର ୨୦୨୪
email :
rabibarachayan2015@gmail.com



ଧାରାବାହିକ ଉପନ୍ୟାସ



# ବୈଦେହୀ

ଡ.ଭାଗବତ ବେହେରା

ଭାଗ-୮୧
(ପୂର୍ବ ପ୍ରକାଶିତ ଉତ୍ତାରୁ...)



'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଅଶୋକବନରେ ସୃଷ୍ଟି ହୋଇଥିଲା ଏକ ଅବ୍ୟକ୍ତ ଆନନ୍ଦ, ମଧୁମୟ ପରିବେଶ । ଦଶାନନଙ୍କ ମୃତ୍ୟୁରେ ସମସ୍ତେ ମ୍ରିୟମାଣ ହୋଇ ପଡ଼ିଥିଲେ ବି, ମୋ ସ୍ୱାମୀଙ୍କର ଲଙ୍କାପୁରରେ ଅବସ୍ଥାନ, ବିଭୀଷଣଙ୍କୁ ରାଜା କରାଇବା, ଲଙ୍କାବାସୀଙ୍କୁ ପ୍ରବୋଧନା ଭିତରେ ଅନେକ ସେ ଦୁଃଖକୁ ଭୁଲିବାକୁ ବସିଥିଲେ । ଅଶୋକବନରେ ଲଙ୍କାର ଅଧିକାଂଶ ନାରୀ ଆସି ପହଞ୍ଚି ଯାଇଥିଲେ । ଦୁଇବର୍ଷ ଧରି ରାବଣ ଅଶୋକକାନନରେ ମୋତେ ବନ୍ଦୀ କରି ରଖିଥିଲେ ହେଁ, ଲଙ୍କାବାସୀ କେହି ମୋତେ ଦେଖିନଥିଲେ । ମୋତେ ଦେଖିବା ପାଇଁ ଲଙ୍କାର ନରନାରୀ ଏକତ୍ର ହୋଇଛନ୍ତି ଅଶୋକବନରେ । ସଭିଙ୍କ ତୁଣ୍ଡରେ ମୋର, ଆଉ ମୋ ପ୍ରଭୁଙ୍କ ପ୍ରଶଂସା। ସମସ୍ତେ ପୁଷ୍ପବୃଷ୍ଟି କରୁଥାନ୍ତି ଆମ ଉପରେ। କେହିକେହି ଆସି ମୋ ସ୍ୱାମୀଙ୍କୁ ନିବେଦନ କରୁଥାନ୍ତି, ଲଙ୍କାରେ ଆଉ କିଛିଦିନ ରହିଯିବାକୁ । ତାଙ୍କ ରାଜାର ମୃତ୍ୟୁରେ ଲଙ୍କା ଶ୍ରୀହୀନ ହୋଇଯାଇଛି । ପ୍ରଭୁ ଶ୍ରୀରାମଙ୍କ ପଦଧୂଳି ପଡ଼ି ଲଙ୍କାର ଶ୍ରୀ ଫେରିଆସିବ । ସେଥିପାଇଁ ସେମାନେ ମୋ ସ୍ୱାମୀଙ୍କୁ ଲଙ୍କାରେ କିଛିଦିନ ରହିବାପାଇଁ ଅଳି କରୁଥା'ନ୍ତି । ସେମାନଙ୍କୁ ଶୁଣାଇ ସ୍ୱାମୀ ମୋର କହୁଥା'ନ୍ତି, "ହେ ମୋର ପ୍ରିୟ ଲଙ୍କାର ନର ନାରୀଗଣ । ମୁଁ ତୁମ ରାଜାର ହତ୍ୟାକାରୀ ଜାଣି ମଧ ତୁମେମାନେ ମୋତେ ଯେଉଁ ଆତିଥ୍ୟ ଦେଉଛ, ତାହା ମୁଁ ଏ ଜୀବନରେ ଭୁଲିପାରିବି ନାହିଁ । ତୁମେମାନେ ସମସ୍ତେ ରାମ, ସୀତାର ନମସ୍ୟ । ତୁମ ମାନଙ୍କୁ ମୁଁ ତୁମ ରାଜା ଲଙ୍କେଶଙ୍କୁ ଫେରାଇ ଦେଇ ନପାରିଲେ ମଧ ତାଙ୍କ ଅନୁଜ ବିଭୀଷଣ ଲଙ୍କାର ରାଜା ହୋଇ ତୁମଙ୍କୁ ପୁତ୍ର କନ୍ୟାବତ୍ ପାଳନ କରିବେ । ଏ ପ୍ରତିଶ୍ରୁତି ମୁଁ ତୁମମାନଙ୍କୁ ଦେଇଯାଉଛି । ମୋର ଆଶା ସେ ମୋ ବଚନକୁ ସମ୍ମାନ ଦେବେ । ଏବେ ତୁମେମାନେ ଆମକୁ ବିଦାୟ ଦିଅ ।"

ଆମ ବିଦାୟ କଥାଶୁଣି ମା ତ୍ରିଜଟା କହିଥିଲେ ବିନା ଆତିଥ୍ୟରେ ତୁମେ କ'ଣ ଫେରିଯିବ ରାମ । ଅଶୋକବନର ଆତିଥ୍ୟ ତୁମକୁ ନିଶ୍ଚୟ ଭଲ ଲାଗିବ। ଚଉଦବର୍ଷ ଯିଏ ଅରଣ୍ୟବାସରେ କଟାଇ ସାରିଛନ୍ତି, ତାଙ୍କୁ ମୁଁ ଆଉ ଅଧିକ କ'ଣ ଦେବି । ଏ ଲଙ୍କାପୋଡ଼ା ବାନର ତ ସବୁ ନଷ୍ଟକରି ଦେଇଯାଇଛି । ତେଣୁ ତାକୁ ଆଜି ଏ ଭୋଜନରୁ ଆମେ ବଞ୍ଚିତ କରିବୁ । ସେ ଖାଇଲେ ଆପଣମାନେ କେହି ଖାଇପାରିବେ ନାହିଁ ।

ମାତା ତ୍ରିଜଟାଙ୍କ କଥା ଶୁଣି ସମସ୍ତେ ହୋ ହୋ ହୋଇ ହସି ଉଠିଥିଲେ । ଏହାପରେ ସମସ୍ତଙ୍କୁ ପାନ ଭୋଜନରେ ସନ୍ତୁଷ୍ଟ କରିଥିଲେ ଲଙ୍କପତି ବିଭୀଷଣ । ଭୋଜନ ପରେ ସମସ୍ତଙ୍କୁ ହସ୍ତଯୋଡ଼ି ପ୍ରଣାମ ଜଣାଇ ଆମେ, ଅଶୋକବନରୁ ବାହାରକୁ ପାଦ ପକାଇବା ସମୟରେ ଜଣେ କ୍ରନ୍ଦନରତା ରମଣୀଙ୍କୁ ଦେଖି ଆମେ ଅଟକି ଯାଇଥିଲୁ । ତାଙ୍କୁ ଦେଖି ମୋ ସ୍ୱାମୀ କହିଥିଲେ, ମହାରାଣୀ ଆପଣ...

ଆମକୁ ଦେଖି ଭୋ ଭୋ ହୋଇ କାନ୍ଦି ସେ କହିଥିଲେ, ଲଙ୍କା ବିଜୟ କରି ଆପଣ ମୋ ଝିଅକୁ ନେଇ ଏଠାରୁ ଚାଲିଯିବେ, ମୁଁ ତାକୁ ଦେଖାକରିବାକୁ ଆସିବି ନାହିଁ ।

ଝିଅ ଏକଥା ଶୁଣି ମୋ ସ୍ୱାମୀ ଚମକି ଉଠିଥିଲେ । ତାଙ୍କୁ ଶୁଣାଇ ମୁଁ କହିଥିଲି, "ଅଶୋକବନରେ ଥିବାକାଳରେ ମହାରାଣୀ ମନ୍ଦୋଦରୀ ମୋତେ ଥରଟିଏ ସାକ୍ଷାତ କରିବାକୁ ଆସିଥିଲେ । ସେହି ଥରଟିଏ ଦେଖାରେ ସେ ମୋତେ ଝିଅ ବୋଲି କହି ଆଦରି ନେଇଥିଲେ । ଆଜି ମୁଁ ଲଙ୍କା ଛାଡୁଛି ଯେତେବେଳେ ମାତା ମୋର ମୋତେ ସାକ୍ଷାତ କରିବାକୁ ଆସିଛନ୍ତି ।" ଏହାକହି ମୁଁ ଧାଇଁ ଯାଇ ତାଙ୍କ ପାଦ ଛୁଇଁ ପ୍ରଣାମ କରନ୍ତେ, ସେ ମୋତେ ତଳୁ ଉଠାଇ ନେଇ ବକ୍ଷରେ ଭିଡ଼ି ଧରି କହିଥିଲେ, "ମାଆ ସୀତେ ! ମୋ ସ୍ୱାମୀ ତୋତେ ପଞ୍ଚବଟୀରୁ ଉଠାଇ ଆଣି ଏ ଅଶୋକବନରେ ରଖି ଅନେକ କଷଣ ଦେଇଛନ୍ତି ମାଆ । ଏକଥା ଜାଣି ମଧ ମୁଁ ତୋ ପାଇଁ କିଛି କରିପାରି ନାହିଁ । ମୋ ସ୍ୱାମୀ ତୋ ନିକଟରେ ଭୁଲ୍ କରି, ତୋତେ କ୍ଷମା ମାଗି ନପାରି ଆରପାରିକୁ ଚାଲିଗଲେ । ମୋ ସ୍ୱାମୀର ଭୁଲ୍ ପାଇଁ ମୁଁ ତୋତେ କ୍ଷମା ମାଗୁଛି ମାଆ ଜାନକୀ । ତୁ କ'ଣ ତାଙ୍କୁ କ୍ଷମା କରିଦେବୁ ନାହିଁ ?

ତାଙ୍କୁ କୁଣ୍ଢାଇ ଧରି କାନ୍ଦିକାନ୍ଦି ମୁଁ କହିଥିଲି, ସେଥିରେ ତାଙ୍କର କିଛି ଦୋଷ ନଥିଲା ମାଆ । ସବୁ ଦୋଷ ମୋ କପାଳର । ଆମ ଭାଗ୍ୟର । ତାଙ୍କୁ ମୁଁ ଅନେକ ଦିନରୁ କ୍ଷମା କରି ଦେଇ ସାରିଛି। ଆମେ ଏବେ ତୁମ ଲଙ୍କା ଛାଡ଼ି ଚାଲିଯାଉଛୁ ମା । ମୋ ସ୍ୱାମୀ ଆସି ମୋତେ ଏଠାରୁ ଉଦ୍ଧାର କରି ନେଇ ଯାଉଛନ୍ତି । ଯିବା ସମୟରେ ତୋର ଏ ଝିଅ ତୁମ ଠାରୁ ଆଶୀର୍ବାଦ ଭିକ୍ଷା କରି ଯାଉଛି ମା । ତୁମେ ମୋତେ ଆଶୀର୍ବାଦ କର ମୋର ଅବଶିଷ୍ଟ ଦିନ ଗୁଡ଼ିକ ଯେମିତି ମୋ ସ୍ୱାମୀଙ୍କ ସହିତ ସୁଖରେ କଟିବ ।

ମୋତେ ଆଶୀର୍ବାଦ କରି ଦେବୀ ମନ୍ଦୋଦରୀ କହିଥିଲେ, "ତୋତେ ମୁଁ ଆଶୀର୍ବାଦ କରୁଛି ମା' ବୈଦେହୀ ତୁ ଏମିତି ପତିବ୍ରତା, ପତିପରାୟଣା, ସ୍ୱାମୀ ସୋହାଗିନୀ ହୋଇ ଚିରଦିନ ରହିବୁ । ତୋ ମୁଣ୍ଡର ସିନ୍ଦୂର ଏମିତି ସବୁଦିନ ଦାଉଦାଉ ହୋଇ ଜଳୁଥିବ । ତୁ ପୁତ୍ରବତୀ ହେବୁ ମା । ତୋ ଯଶ, ଗୁଣ, ତୋ ପାତିବ୍ରତ୍ୟ ଧର୍ମକୁ ଏ ଦୁନିଆ ସବୁଦିନ ପାଇଁ ମନେରଖିବ ।"

ଏତକ କହି ଅଶ୍ରୁ ଛଳଛଳ ନେତ୍ରରେଏକ ସୁନାଫରୁଆ ମୋ ହାତରେ ଧରାଇ ଦେଇ ସେ କହିଥିଲେ, "ଏଇଟା ତୋ ମନ୍ଦୋଦରୀ ମାତାର ତୋ ପାଇଁ ଶେଷ ଉପହାର । ଏଥିରେ ଥିବା ସିନ୍ଦୂର ତୋ କପାଳରେ ଯେତେଦିନ ପର୍ଯ୍ୟନ୍ତ ଝଟକୁଥିବ ସେତେଦିନ ପର୍ଯ୍ୟନ୍ତ ତୋ ସ୍ୱାମୀର କୌଣସି ଅମଂଗଳ ହେବନାହିଁ ।" ଏତକ କହି ସେ ମୋତେ ବିଦାୟ ଦେଇଥିଲେ ।

ତାଙ୍କଠାରୁ ବିଦାୟ ନେଇ ମୋ ସ୍ୱାମୀଙ୍କ ହସ୍ତଧରି ଆମେ ଲଙ୍କା କଟକରୁ ବାହାରକୁ ପାଦ ପକାଇଥିଲୁ । ଆମ କର୍ଣ୍ଣରୁ ଧୀରେଧୀରେ ଅପସରି ଯାଉଥାଏ ଜୟ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଜୟ ଧ୍ୱନି।

ଲଙ୍କାଗଡ଼ରୁ ବାହାରି ସୂର୍ଯ୍ୟାସ୍ତ ପୂର୍ବରୁ ଆମେ ସେତୁବନ୍ଧରେ ପାଦ ଦେଇଥିଲୁ ।

## ।। ଷୋହଳ ।।

କାଳର ଗତି ଅତି ବିଚିତ୍ର କମଳା । କେତେବେଳେ ସେ ଯେ କେଉଁଠି ନେଇ ଏ ମଣିଷକୁ ପହଞ୍ଚାଇ ଦେବ, ତାହା ତାକୁ ହିଁ ଜଣା। ବ୍ରହ୍ମା, ଶିବ, ସ୍ୱୟଂ ସୃଷ୍ଟିର ହର୍ତ୍ତା, କର୍ତ୍ତା, ଭାଗ୍ୟବିଧାତା, ଯାହା ଅଧୀନରେ କାଳ ପରିଚାଳିତ ସେ ମଧ ନିଜେ କାଳର ଗତିକୁ ନିର୍ଣ୍ଣୟ କରିପାରନ୍ତି ନାହିଁ । ଦୁଃଖ, ସୁଖ, ଆନନ୍ଦ, ନିରାନନ୍ଦ, ଧନୀ, ନିର୍ଦ୍ଧନ ସବୁର ସେହି ନିୟାମକ। ଆଜି ଯାହାକୁ ସେ ରାଜେନ୍ଦ୍ର ଆସନରେ ବସାଇଥିବ, କାଲିକୁ ତାକୁ ସଜାଇ ଦେଇଥିବ ଦାଣ୍ଡର ଭିକାରୀ । ସେ କାଳକୁ ମୋର କୋଟି ନମସ୍କାର କମଳା, ସୁଧାମୟୀ ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

ତୀର୍ଯ୍ୟକ

ସୁବ୍ରତ ପଟ୍ଟନାୟକ



# ପେଟ ପାଟଣା

ବିଧାନସଭାରେ ଉଠିଲା ସଦସ୍ୟଙ୍କ ଦରମା ପ୍ରସଙ୍ଗ। ବିରୋଧୀ ଦଳ ସଦସ୍ୟ ଦାବି କଲେ- ବିଧାୟକ, ବିଧାୟିକାଙ୍କ ଦରମା ବଢ଼ାଯାଉ। ହୁ ହୁ ହୋଇ ବଢୁଛି ବଜାର ଦର। ବିଧାୟକଙ୍କୁ ଯେତିକି ଦରମା ମିଳୁଛି, ସେତିକିରେ ଘର ଚଳାଇବା କଷ୍ଟକର। ସେମାନେ ଗୃହରେ ତିନୋଟି ମୁଖ୍ୟ ଦାବି ଉପସ୍ଥାପନ କଲେ। ୧- ବିଧାୟକଙ୍କ ଦରମା ଓ ଭତ୍ତା ଏକ ଲକ୍ଷରୁ ଅଢ଼େଇ ଲକ୍ଷକୁ ବଢ଼ାଯାଉ। ୨- ପୂର୍ବତନ ବିଧାୟକଙ୍କ ମାସିକ ପେନସନ୍ ତିରିଶ ହଜାର ବଦଳରେ ସତୁରି ହଜାର ହେଉ। ୩- ବିଧାୟକ ଉନ୍ନୟନ ପାଣ୍ଠିର ପରିମାଣ ବାର୍ଷିକ ତିନି କୋଟିରୁ ପାଞ୍ଚ କୋଟିକୁ ବଢ଼ାଯାଉ। ଦଳଗତ ନିର୍ବିଶେଷରେ ବିଧାନସଭାର ବିରୋଧୀ ଓ ଶୀର୍ଷକ ଦଳର ସମସ୍ତ ସଭ୍ୟ ଏହାକୁ ସମର୍ଥନ ଜଣାଇଲେ।

୨୦୨୪ ଡିସେମ୍ବର ୩ ତାରିଖ। ବିଧାନସଭାର ଶୂନ୍ୟକାଳରେ ଉଠିଲା ଏହି ପ୍ରସଙ୍ଗ। ବିଧାୟକ, ବିଧାୟିକାଗଣ ସୂଚନା ଦେଲେ- ମହାରାଷ୍ଟ୍ରରେ ବିଧାୟକଙ୍କ ମାସିକ ଦରମା ଦୁଇ ଲକ୍ଷ ତିରିଶ ହଜାର। କର୍ଣ୍ଣାଟକ ଓ ଝାଡ଼ଖଣ୍ଡରେ ବିଧାୟକଙ୍କ ମାସିକ ଦରମା ଦୁଇ ଲକ୍ଷ ଉପରେ। ତେଣୁ, ଓଡ଼ିଶାରେ ବିଧାୟକଙ୍କ ମାସିକ ଦରମା ଅଢ଼େଇ ଲକ୍ଷ କରାଯାଉ। ୨୦୧୭ ମସିହାରେ ବିଧାନସଭା ସଦସ୍ୟଙ୍କ ଦରମ ଓ ପେନ୍‌ସନ୍ ଉପଦେଷ୍ଟା କମିଟି ବିଧାୟକଙ୍କ ଦରମା ବୃଦ୍ଧି ପାଇଁ ପ୍ରସ୍ତାବ ଦେଇଥିଲେ। ୨୦୨୨ ମସିହା ଜୁଲାଇରେ ତତ୍‌କାଳୀନ କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ବିଧାନସଭାରେ ଏହି ଦାବି ଉପସ୍ଥାପନ କରିଥିଲେ। ବର୍ତ୍ତମାନ ମୋହନ ଚରଣ ଓଡ଼ିଶା ସରକାରରେ ମୁଖ୍ୟମନ୍ତ୍ରୀ। ଏଯାବତ୍ ତାହା ଫାଇଲ୍ ଭିତରେ ବନ୍ଧା ହୋଇ ପଡ଼ିରହିଛି।

ଓଡ଼ିଶାରେ ପ୍ରତ୍ୟେକ ସରକାରୀ କର୍ମଚାରୀଙ୍କ ଦରମା ବର୍ଷକୁ ବର୍ଷ ବଢ଼ିଚାଲିଛି। ମାତ୍ର ବିଧାନସଭା ସଦସ୍ୟଙ୍କ ଦରମା ଗତ ଦଶବର୍ଷ ହେଲା ବଢ଼ିନାହିଁ। ତେଣୁ ସେମାନେ ଦରମା ଓ ପେନସନ୍ ଅଢ଼େଇ ଗୁଣ ବଢ଼ାଇବାକୁ ଦାବି କରୁଛନ୍ତି। ତାହା ବଢ଼ାଇବା ଯଦି ଜରୁରୀ, ତାହେଲେ କାହାର ଆପତ୍ତି କରିବାର ନାହିଁ।

ବର୍ତ୍ତମାନ ବିଧାୟକଗଣ ମାସକୁ ପାଉଛନ୍ତି ଏକ ଲକ୍ଷ ଟଙ୍କା। ସେମାନଙ୍କର ଦରମା ୩୫ ହଜାର ଓ ଭତ୍ତା ୬୮ ହଜାର। ଏହାକୁ ମିଶାଇଲେ ଏକ ଲକ୍ଷ। ତେବେ ଯେଉଁମାନେ ଏକାଧିକ ବାର ବିଧାୟକ ପାଲଟିଛନ୍ତି, ସେମାନଙ୍କ ଦରମା ଢ଼େର ଅଧିକ। ଏହାବାଦ ସେମାନଙ୍କୁ ଗସ୍ତ ଖର୍ଚ୍ଚ ଓ ଅଧିବେଶନ କାଳର ସ୍ୱତନ୍ତ୍ର ଭତ୍ତା ବି ମିଳିବ। ରାଜଧାନୀର ପେଣ୍ଠସ୍ଥଳୀରେ ସରକାରୀ ଘର, ପାଣି, ବିଜୁଳି, ମାଳି, ଜଗୁଆଳି, ଚପରାଶି, ସୁରକ୍ଷା କର୍ମଚାରୀ, ଗାଡ଼ି ଘୋଡ଼ା, ଟେଲିଫୋନ୍, କମ୍ପ୍ୟୁଟର, ଲାପଟପ୍ ଆଦି ଯୋଗାଇ ଦିଆଯିବ। ଏସବୁ ବ୍ୟବସ୍ଥା ଅନେକ ଦିନରୁ ରହିଆସିଛି। ଯଦି ବିଧାୟକଙ୍କ ଦରମା ଅଢ଼େଇଗୁଣ ବଢ଼ାଯାଏ, ତାହେଲେ କାବିନେଟ୍ ଓ ରାଷ୍ଟ୍ରମନ୍ତ୍ରୀଙ୍କ ଦରମା ମଧ୍ୟ ସେହି ଅନୁପାତରେ ବଢ଼ିବ। ପଚିଶ ଜଣ ମନ୍ତ୍ରୀ ମୋଟା ଅଙ୍କର ଦରମା ପାଇବେ। ସରକାର ସେମାନଙ୍କ ଦରମା ବାବଦରେ କଣ ନିଷ୍ପତ୍ତି ନେବେ, ଆମେ ସେ ସଂକ୍ରାନ୍ତରେ କୌଣସି ମତାମତ ଦେବାକୁ ଉଚିତ୍ ମଣୁନେ।

ତେବେ ପାଠକମାନଙ୍କ ଅବଗତି ନିମନ୍ତେ ଆମେ ସଂଗ୍ରହ କରିଥିବା କେତୋଟି ପ୍ରଦାନ କରୁଚେ। ଓଡ଼ିଶା ଭଳି ସବୁଠୁ ଗରିବ ରାଜ୍ୟର ମୋଟ ୧୪୭ ଜଣ ବିଧାୟକଙ୍କ ମଧ୍ୟରୁ ୧୦୭ ଜଣ କୋଟିପତି। ସେମାନଙ୍କ ସଂଖ୍ୟା ୭୩ ପ୍ରତିଶତ। ଶାସକ ବିଜେପି ଦଳର ମୋଟ ୭୮ଜଣ ବିଧାୟକଙ୍କ ମଧ୍ୟରୁ ୫୨ଜଣ କୋଟିପତି। ସେହିଭଳି ବିରୋଧୀ ବିଜେଡ଼ି ଦଳର ମୋଟ ୫୧ଜଣ ବିଧାୟକଙ୍କ ମଧ୍ୟରୁ ୪୩ଜଣ କରୋଡ଼ପତି। ବିରୋଧୀ କଂଗ୍ରେସ ଦଳର ମୋଟ ୧୪ଜଣ ବିଧାୟକଙ୍କ ମଧ୍ୟରୁ ୯ଜଣ କୁବେରପତି। ବାକି ଚାଳିଶ ଜଣ ବିଧାୟକ ଯେ ବିପିଏଲ ବା ଗରିବ ଶ୍ରେଣୀର, ତାହା ନୁହେଁ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଲକ୍ଷପତି। ଚମ୍ପୂଆ ବିଜେଡ଼ି ବିଧାୟକ ସନାତନ ମହାକୁଡ଼ଙ୍କ ସମ୍ପତ୍ତି ପରିମାଣ ୨୨୭ କୋଟି। ବସ୍ତା ବିଜେଡ଼ି ବିଧାୟିକା ସୁବାସିନୀ ଜେନାଙ୍କ ସମ୍ପତ୍ତି ୧୧୫ କୋଟି। ବଲାଙ୍ଗୀର ବିଜେଡ଼ି ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କର ସମ୍ପତ୍ତି ୭୩ କୋଟି। ଏହି ତାଲିକା ଖୁବ୍ ଲମ୍ବା। ସ୍ଥାନାଭାବରୁ ଛୋଟିଆ ସ୍ତମ୍ଭରେ ଗୋଟି ଗୋଟି କରି ସବୁକଥା ବଖାଣିବା ଅସମ୍ଭବ।

ଆମେ ଛୋଟିଆ ଉଦାହରଣ ଦେଇ ଏହି ସ୍ତମ୍ଭ ଶେଷ କରିବାକୁ ଚାହୁଁଚେ। ସରକାରୀ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧିବା ଓ ପରସିବା ପାଇଁ ରୋଷେୟା ଓ ପାଚିକା ନିଯୁକ୍ତ ହୋଇଛନ୍ତି। ନିରାଶ୍ରୟା, ଅସହାୟା, ଗରିବ ମହିଳାଙ୍କୁ ଏହି ଚାକିରୀରେ ରଖାଯାଇଛି। ସେମାନଙ୍କର ମାସିକ ଦରମା ଏକ ହଜାର। ପୁରା ଟଙ୍କା ରାଜ୍ୟ ସରକାରଙ୍କୁ ଦେବାକୁ ପଡୁନାହିଁ। କେନ୍ଦ୍ର ସରକାର ଦେଉଛନ୍ତି ଛଅ ଶହ । ବାକି ଚାରି ଶହ ଦେଉଛନ୍ତି ରାଜ୍ୟ ସରକାର। ସେତିକି ଦରମା ବି ଠିକ୍ ସମୟରେ ମିଳୁନାହିଁ। ୨୦୦୯ ମସିହାରେ ଏହି ଦରମା ବଢ଼ିଥିଲା। ଏହା ମଧ୍ୟରେ ଦୀର୍ଘ ୧୫ ବର୍ଷ ବିତିଗଲାଣି। ସେମାନଙ୍କ ଦରମା ଟଙ୍କାଟିଏ ବି ବଢ଼ିନାହିଁ। କେବଳ ପାଚିକା ନୁହନ୍ତି, ଅନ୍ୟ ବିଭାଗରେ ମଧ୍ୟ ହଜାର ହଜାର କର୍ମଚାରୀ ବର୍ଷବର୍ଷ ଧରି ଅବହେଳିତ ହୋଇ ରହିଛନ୍ତି। ଏହି ଦରିଦ୍ର କର୍ମଚାରୀଙ୍କ ଦରମା ବଢ଼ାଇବାକୁ କେହି ପାଟି ଫିଟାଉନାହାନ୍ତି। ଜନ ପ୍ରତିନିଧିଗଣ ନିଜ ଭଳି ଅନ୍ୟ ଦୁଃଖିରଙ୍କିଙ୍କ ପେଟପାଟଣା କଥା ଟିକେ ଚିନ୍ତା କରନ୍ତୁ। ସେମାନଙ୍କର ଅଶେଷ ମଙ୍ଗଳ ହେବ। ଆଜି ଏତିକି, ଜୟ ଜଗନ୍ନାଥ।

♥ ଓରାଳି, କେନ୍ଦୁଝର
ମୋ : ୯୯୩୭୭୯୧୨୪୪

କବିତା...



## ନୂଆ ସକାଳର ବାସ୍ନା
ଡକ୍ଟର କମଳାକକୃଷ୍ଣ ତ୍ରିପାଠୀ

ଯୋଉ ନୂଆ ଫୁଲଟି ଏବେ
ମହକି ଆସୁଛି ବଗିଚାରେ
ତା ପାଇଁ ପାଣିଦିଆ ସରିଥିଲା
ଅନେକ ଆଗରୁ !

ପୁରୁଣା ଯତ୍ନ ଓ ସ୍ନେହର ମଖାମଖି
ଭଲପାଇବାରୁ
ଏବେ ବଉଳେଇ ଆସୁଛି ବାସ୍ନା. !

ଏଥର ବିଭୋର ହେବ ସକାଳ
ଏଥର ମୁଖର ହେବ ଖରାବେଳ
କନକନିଆ ସଂଜ ସହ ମିତ ବସିବ
ଛନଛନିଆ ଗଭୀର ରାତିର ଅନ୍ଧାର. !

କିଛି ଗୋଟାଏ ମାଗିବା ଆଗରୁ
ପାଦଚିହ୍ନ ତଳେ ସଜେଇ ହେଇଯାଉଛି
ସଜ ଗୋଲାପର ପାଖୁଡ଼ା
ହାତ ପାଖରେ ପହଞ୍ଚି ଯାଉଛି
ବହୁବର୍ଣ୍ଣ ଫୁଲ ଫଳ ପରି ସ୍ୱାଦର ପାଛୁଡା।

ଆଞ୍ଜୁଳାଏ ସ୍ୱପ୍ନ ପାଇଁ ଆକାଶ ଆଡକୁ
ହାତ ବଢାଉ ବଢାଉ
ହାତମୁଠାରେ ଦୋଳିଖେଳୁଛି ଇନ୍ଦ୍ରଧନୁ
ଛାତିଏ ଗଭୀରତାକୁ ଆହ୍ୱାନ କରୁକରୁ
ଲହଡା ମାରୁଛି ସମୁଦ୍ର, ମନ ପୋଖରୀରେ।

ଭିନ୍ନ ଏକ ଦିଗ୍‌ବଳୟରେ
ହଜିଯିବାକୁ ବାହାରିଥିବା
ପାଦକୁ ଆକଟ କରି
ଅଟକାଇଛି ଏଇ ଘରର ଏରୁଣ୍ଡି ଭିତରେ,
ଏଇଠି ତ ଧାରଧାର
ହେଇ ବହୁଛି ଅମିୟଧାରା
ଗମ୍ଭୀରିରୁ ଅନ୍ତରୀକ୍ଷ ଯାଏଁ
କେବେ ଗହନରେ ଆଉ କେବେ ସ୍ପଷ୍ଟ
ଆଲୋକରେ।

ସଭିଏଁ ଚାଲ ବାଟ ମାପିବା ଆଲୋକରେ,
ଅନ୍ଧାରର ସିଆର କାଟି
ପାଦଚିହ୍ନ ଉପରେ ପାଦ ଥାପି ଥାପି
ପହଞ୍ଚିବ ଆଉ ଏକ ବିଶ୍ୱରେ।

ସେଇଠୁ ପଛମୁହାଁ ହେଇଯିବ ଦୁଃଖ
ସକାଳର ସିନ୍ଦୂରା ପରି ଶତାବ୍ଦୀ
ସହସ୍ରାବ୍ଦୀର ଗହନ ଆଲୋକ।

♥ ସର୍ଜନାଳୟ, ଲିଙ୍କ୍ ରୋଡ଼, ୨ୟ ଗଳି,
ଜୟପୁର (କୋରାପୁଟ), ୭୬୪୦୦୧
ମୋ: ୯୯୩୭୦୧୪୮୬୩



## କଜରିର ସ୍ୱରରେ ଫାଟି ପଡୁଥାଏ ଆକାଶ
ସୁଧାଂଶୁ ଅଶୋକ

ଗଭୀର ଉଦାସ ହୃଦୟର ଦୀର୍ଘଶ୍ୱାସ
ଛବିରେ ଇଡି ଯିବା ପରେ ଦୁଆତର କାଳି
ଲିଭିଯାଏ ନାହିଁ ସ୍ୱପ୍ନର ସୁବର୍ଣ୍ଣ ଦୋଳି
ଅମରାବତୀ ର ଆସନ ବି ପ୍ରେମର ସମିପେ
ଖାଲି ଖାଲି ଲାଗେ ତୁଚ୍ଛ ମନେହୁଏ ।
କେବେ କେମିତି ମେଘ ଆସେ
ଅଦିନ ଆକାଶେ
କେବେ କେମିତି ଲଘୁଚାପ
ଭାଙ୍ଗି ରୁଜି ପକାଏ କୋଠାଘର
ସତରେ ତ କେହି ଜଣେ ବି ଆସନ୍ତି ନାହିଁ
ମଲାନଈର ସୁଅ ଦେଖିବାକୁ ।
ଉଦଣ୍ଡ ସମୁଦ୍ର ରେ ନିଆଁ ଲାଗିଲେ ପବନ ର
କ'ଣ ଆସେ ଯାଏ ଯେ
ଆକାଶରେ ତାରା ଗଣୁଥାଏ
କୁହୁଡି ଭରା ନଈରେ କିଏ ଜାଣେ ସତ୍ୟବତୀ
ହଂସତରୀ ବାହୁଥାଏ ଏବଂ ହସ୍ତିନାର
ରାଜମାତା ହୋଇଯାଏ
ସପନ ତ ସପନ ବୋଲାଉ ଥିଲେ ହେଁ ମୂର୍ତ୍ତ
ହୁଏ, ପରାଣପ୍ରିୟ ନାୟକ ସାଜି ସମ୍ମୁଖରେ
ପଦ୍ମଫୁଲର କେଶରରେ ପହଁରା ଶିଖେ/
ଭ୍ରମରଟିଏ ହୋଇ ହୃଦୟରେ ହିଁ
ରହିଯାଏ ଚିରକାଳ ।
ସକାଳ ହେଲାବେଳକୁ ସୂର୍ଯ୍ୟ ଉଁଏ ହେଲେ
ଖଣ୍ଡ ମଣ୍ଡଳ ସାରା ବାସର ଚହଟ ଖେଳେ
ଶରତ ଶେଷର ମେଘ ପରି
ବ୍ୟୋମମଣ୍ଡଳ ସାରା ଚଉଦଳାରେ କାହାକୁ
ପ୍ରଣୟ ଅଭିସାରିକା ସଜାଇ
ସମ୍ମୋହିତ କରୁଥାଏ ।
ଦିନଶେଷେ ସତକୁ ସତ ଶୃଙ୍ଗାର ରଚେ କିଏ
ଗଜରାରେ ଗଭାସାଜେ ଜହ୍ନ ଉଇଁବା ପୂର୍ବରୁ
ମାଛି ଅନ୍ଧାର ସଞ୍ଜବେଳେ କଣ୍ଠ ଥାନରେ
ଉଭାହୁଏ ଏବଂ ଚନ୍ଦନ ଚର୍ଚ୍ଚିତ ନୀଳ
କଳେବର ସହ ରଜତ ଜ୍ୟୋତ୍ସ୍ନାରେ
ମିଳେଇ ଯାଏ
ସାଗର ତମାମ ଆୟୁଷ ବେଳାଭୂମିରେ ମଥା
କଚାଡ଼ି ବିଭୋର ହେଉଥାଏ
ଚକିତ ହୋଇ ଫୁଲୁଥାଏ ଭଟ୍ଟା ପଡୁଥାଏ ।
ଏଇମିତି ପୁଣି ବସନ୍ତ ଆସେ ପୁଣି ଫୁଲର
ଚହଟାରେ, ଦିଗ ମହମହ ବାସେ
ସମୁଦ୍ରରେ ଜୁଆର ଭଟ୍ଟା ଏଇମିତି ଲାଗି
ରହିଥି, ନିଦାଘର ସ୍ୱେଦରେ
ଉବୁଟୁବୁ ହେଉଥାଏ ପ୍ରଣୟ
ବର୍ଷାରେ ରଜଦୋଳି ଖେଳୁଥାନ୍ତି
କୁଆଁରୀ ମାନେ, ଶ୍ରାବଣରେ କଜରିର
ସ୍ୱରରେ, ଆକାଶ ଫାଟି ପଡୁଥାଏ ।

♥ (ମୋ) ୭୯୭୮୭୯୫୭୬୬



## ରୁଦ୍ରାକ୍ଷର ଋତୁ
ନକୁଳ ଚଂଦ୍ର ସାହୁ

ତୁମେ ଏକ ପୃଥକ୍ ଋତୁ
ତୁମ ନାଭି ଗୁଂଫାର ଶୋଷରେ
ମୁଁ ଏକ ଆରକ୍ତ ସର୍ପ
ଗୁରେଇ ହୋଇଯାଏ ସହସ୍ରାରରେ

ସହସ୍ର ମେଘର ନୀଳିମା
ମଣିପୁରକୁ ଛାୟାରେ କରଂତି ଆଚ୍ଛନ୍ନ
ସତେରେ ମେଘ କ'ଣ ଆସେ
ଏଇ ଋତୁରେ; ପଦ୍ମ ଫୁଟେ ବ୍ରହ୍ମପୁରରେ ?

ଦାରୀର ସ୍ତନଚୂଳ ଟହଟହ ହସେ
କିଏ ସେ ବୀଟ, କିଏ ସେ ନଟ
ନାଚୁଛି କି ନାଟ; ଆମ ଗାଁ' ରାହାସ ?
ଧଗ ଧଗ ଧଗଜ୍ୱଳ, ନା' ଏଇଟା ତାଂଡବ
ତା' ମୁଦ୍ରାରେ ଖେଳ ! !

ଦୁଇ ଜଣଯାକ ଯୋଗୀ
ନର୍ମଦା ଗଣିକା ଜଣକୁ ବାହୁରେ ବାଂଧିଛି
ଅନ୍ୟ ଜଣକ ଯୁଦ୍ଧ ଋତୁର କ୍ଷୁଧାଙ୍କୁ
ଅଠର ମାଣ ଦୁଗ୍ଧ ବାଂଟୁଛି !

ମୁଁ ତ ମଲା ପକ୍ଷୀ
ହସ୍ତୀ କଂଠ ଘଂଟି ତଳେ
ପୋତି ହୋଇ ପଡ଼ିଛି
ମୋ ଦେହକୁ ଆଉ ପୋତିବାକୁ
ପଡ଼ିବନି ଯୋଗାଗ୍ନି
ମୋ ଶିଖା କଣା କରି ବିଶ୍ୱକୁ ବ୍ୟାପୁଛି !

♥ ଶବ୍ଦଘର, ଗୋଡ଼ିସାହି,
କଟକ- ୭୫୩୦୦୬
(ମୋ)୯୪୩୭୭୪୦୨୬୪



## ଭିନ୍ନସଂସାର
ନୀଳମାଧବ କର

ସବୁ ଶୀତ ପରେ, ଈର୍ଷାରେ ଜଳି,
ମାଟି ପାଲଟୁଥିବା ବସନ୍ତ ଏଠି
ଆମ ପୃଥିବୀରେ
ତୋ ଦୁନିଆ, ଭିନ୍ନ କଣ ଆମ ଠାରୁ
ଯେ ତୋ ସ୍ୱର ସେଇମିତି ମିଠା ଥାଏ
ବସନ୍ତ ପର ଋତୁମାନଙ୍କରେ

ସେଠି କଣ ରାଗ ଦ୍ୱେଷ, ହିଂସା ନାହିଁ,
ଅହଙ୍କାର ନାହିଁ
ନିଜର ବୋଲି ମାୟା ନାହିଁ
ଜଞ୍ଜାଳ ନାହିଁ ତୋ ସଂସାରର

କଟକଣା, ଅବୁଝାପଣିଆ
ଟଣାଟଣି, ଲାଞ୍ଚ ମିଛ,
ସବୁ କଣ ମିଛ ସେଠି ତୋ ଦୁନିଆରେ

ତୁ କଣ ସନ୍ଦେହ କରୁନା
ଡେରି ହେଲେ ଘରକୁ ଫେରିବା
ଜଳୁନା କି ତୁ କେବେ
ସେ ତୋର ହସି ପଦେ କଥା ହେଲେ,
ଆଉ କା ସଙ୍ଗେ
ସେଠି କଣ ଦସ୍ତଖତ କରି ତମେ ବାହାହୁଅ
କିରାସିନି ଢ଼ାଳି ଦେଇ
ନିଜ ପିଲା ମା'ଟାକୁ ମାର !

ତୋ ସଂସାର ଭିନ୍ନ କଣ
ଆମ ପୃଥିବୀରୁ ।

♥ ଓଲଭରହାମ୍ପଟନ,
ୟୁକେ



## ଅଦିନ ବର୍ଷା
ବାବାଜୀ ଚରଣ ଜେନା

ଖୁସି ଉଜାଡିଲା ଅଦିନ ବରଷା
କାହାକୁ କହିବି ଯାଇଁ
ବେଳେବେଳେ ଦୁଃଖ ସହିବାକୁ ହୁଏ
ନିଜ ଲୁହ ନିଜେ ପିଇ।

ବରଷା ସାଥିରେ କୋହଲା ପବନ
ସପନକୁ ଚୋରି କରି
ଛୁଇଁ ଦେଇ ଯାଏ ଦେହ ମନ ମୋର
କଳଙ୍କ ରଙ୍ଗକୁ ବୋଳି
ସୁନାର ଫସଲ ଧ୍ୱସ୍ତ ହୋଇ ଯାଏ
ବିବାଦକୁ ଛାଇ ଦେଇ।

କିଏ ଜାଣି ଥିଲା ଏମିତି ଆସିବ
ରାତ୍ରିର ଅନ୍ଧକାରେ
ଚିତ୍ର ଚରିତ୍ରକୁ ଚିରି ଦେଇଯିବ
ଏମିତି ସେ ଅବେଳରେ
ଅଧା ଗଢା ହୋଇ ରହିଗଲା ସବୁ
କହି ଯାହା ପାରେ ନାହିଁ।

♥ ଅହଲ୍ୟା ନିବାସ, ପୋପରଡା,
ନୂଆବଜାର, କଟକ-୪
ମୋ- ୯୪୩୭୮୩୪୭୧୯

# ଭାରତର ଅନ୍ୟ ଯେକୌଣସି ପ୍ରାନ୍ତୀୟ ସାହିତ୍ୟଠାରୁ ଆମ ସାହିତ୍ୟ କୌଣସି ଗୁଣରେ କମ୍ ନୁହେଁ : କାଳୀପଦ ପଣ୍ଡା

**ଡ. କାଳୀପଦ ପଣ୍ଡା**
ଓଡିଆ ସାହିତ୍ୟ ଜଗତରେ ଗୋଟେ ପରିଚିତ ନାଁ । ସେ କେବଳ କବିତା, ଗଳ୍ପ ଓ ପ୍ରବନ୍ଧ ଲେଖି ନୁହେଁ, 'ସୁବର୍ଣ୍ଣଶ୍ରୀ' ପତ୍ରିକାର ସମ୍ପାଦନା ଓ 'ସୁବର୍ଣ୍ଣଶ୍ରୀ ପ୍ରକାଶିନୀ' ନାମକ ପ୍ରକାଶନ ସଂସ୍ଥା ସ୍ଥାପନ କରି ଅଦ୍ୟାବଧି ନଅଶହରୁ ଊର୍ଦ୍ଧ୍ୱ ପୁସ୍ତକ ପ୍ରକାଶ କରି ତିଆରି କରିଛନ୍ତି ସ୍ୱପରିଚୟ ଓ ପ୍ରଦର୍ଶିତ କରିଛନ୍ତି ନିଜର ପାରଦର୍ଶିତା । ଅଧ୍ୟୟନ, ଅନୁଶୀଳନ ଓ ଅନୁଧ୍ୟାନ ଭିତରେ ସ୍ୱକୀୟ ବିଚାରଧାରାକୁ ପ୍ରତିଷ୍ଠା କରିବାକୁ ସଦା ଗୁରୁତ୍ୱ ଦେଉଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ ଅଳ୍ପରେ ଡ. କାଳୀପଦ ପଣ୍ଡା



ଜନ୍ମ ତାରିଖ - ୦୧/୦୬/୧୯୭୧
ପିତା : ୰ ଅତୁଲ ଚନ୍ଦ୍ର ପଣ୍ଡା
ମାତା : ଜୟନ୍ତୀ ଦେବୀ
ଠିକଣା : ସୁନାରୁଇ, କଟିସାହି, ସିଂଲା
ବାଲେଶ୍ୱର- ୭୫୬୦୨୩
ବର୍ତ୍ତମାନର ଠିକଣା :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ନିଳିଆବାଗ
ବାଲେଶ୍ୱର-୧
(ମୋ) ୯୪୩୮୦୮୯୨୪୧

**ପ୍ରକାଶିତ ପୁସ୍ତକ-**

**କବିତା**
୧- ଉତ୍ତରଦାୟାଦ
୨- ବୟସ ବସନ୍ତ
୩- ମନ ଉପବନ
୪- ସ୍ୱପ୍ନଭଂଗ
୫- ସ୍ମୃତି ଶାମୁକା

**ପ୍ରବନ୍ଧ**
୧- ଚିନ୍ତା ଚତୁରଂଗ
୨- ଅଭୁଲା ବ୍ୟକ୍ତିତ୍ୱ
୩- ଚିନ୍ତା ଚେତନା
୪- ଚିନ୍ତା ଅନୁଚିନ୍ତା

**ଗଳ୍ପ**
୧- ପ୍ରୀତି ପ୍ରତ୍ୟୟ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?

■■ ମୁଁ ସ୍କୁଲ ସମୟରୁ ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧ ପଢ଼ି ଖୁବ୍ ପ୍ରଭାବିତ ହୋଇଥିଲି। ବିଦ୍ୟାଳୟର ବାର୍ଷିକ ଉତ୍ସବ ସମୟର ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଲାବେଳେ ମା'ଙ୍କ ଦ୍ୱାରା ବକ୍ତୃତା ଲେଖାଇ ନେଉଥିଲି ଆଉ ସେଗୁଡ଼ିକୁ ମୁଖସ୍ତ କରି କହିଲାବେଳେ ମନକୁ ମନ କିଛି କଥା ସେଥିରେ ଯୋଡ଼ିଦେଉଥିଲି, ଯାହାକି କିଛି ଲେଖିବାର ଓ ଭାବିବାର ସ୍ଫୁରଣ ସେହି ସ୍କୁଲ ସମୟରୁ ମୋ ଭିତରେ ଅଙ୍କୁରୋଦଗମ୍ ହୋଇଥିଲା। ତେବେ ଷୋଡ଼ଶୀ ଏକ ଘରର ନବବିବାହିତା କୂଳବଧୂ ତା'ର ପିଲାକୁ ନେଇ ସବୁବେଳେ ଝଗଡ଼ାଝାଟିରେ ମାତି ସେ ଘର ଭିତରେ ନାନା ବିଶୃଙ୍ଖଳା ତିଆରି କରୁଥିଲା । କଥାକଥାକେ ମୋ ସ୍ୱାମୀ, ମୋ ଝୁଅ, ମୋର ମୋର କହି ଚାଲୁଥିଲା, ଘରର ଅନ୍ୟ ସମସ୍ତଙ୍କୁ ନେଇ ତା'ର ଚିନ୍ତା କିଛି ନଥିଲା କହିଲେ ଚଳେ। ସେହି ଘଟଣା ମୋର କିଶୋର ବୟସରେ ମୋ ମନରେ ପ୍ରତିକ୍ରିୟା ସୃଷ୍ଟି କରିଥିଲା। ଯାହାକି ମୁଁ ଗୋଟିଏ ପ୍ରବନ୍ଧ ଲେଖି ବସିଥିଲି ଯାହାର ନାମ ଥିଲା 'ମୋ ସ୍ୱାମୀ ମୋର'। ସେହି ପରଠାରୁ ମୋର ଲେଖାଲେଖି ଦିଗ ପରିବ୍ୟାପ୍ତ ହେଲା। କବିତା ହିଁ ଗୋଟିଏ ପରେ ଗୋଟିଏ ଲେଖି ବିଭିନ୍ନ ପତ୍ରପତ୍ରିକାକୁ ପଠାଇଲି, ଆଉ ତାହା ପ୍ରକାଶ ପାଇବା ପରେ ଅଧିକ ପ୍ରେରଣା ଲାଭ କରି ଲେଖାଲେଖି ଦିଗରେ ନିରନ୍ତର ମଗ୍ନହେଲି।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ।

■■ ମୋ ସ୍ୱରସ୍ୱତ ପ୍ରେରଣାର ମୂଳାଧାର ମୋର ପ୍ରିୟ ଜନନୀ। ମା'ଙ୍କ ଠାରୁ ପିଲାଟି କାଳରୁ ପାଖେ ପାଖେ ରହି କେତେକେତେ ଦେଶ ବିଦେଶର କାହାଣୀ ଶୁଣିବା ଭିତରେ ମୋର ବି କିଛି ଲେଖିବାର ସ୍ୱପ୍ନ ମନରେ ଭରିଥିଲା। ଯାହାକିଛି ବି ଲେଖି ବସୁଥିଲି କବିତା ହେଉ କି ପ୍ରବନ୍ଧ, ତାହା ମା'ଙ୍କୁ ଦେଖାଉଥିଲି, ପଢ଼ି ଶୁଣାଉଥିଲି ଆଉ ମା' ତା'ର ଆବଶ୍ୟକୀୟ ସଂଶୋଧନ କରିଦେଉଥିଲେ। ବାପା ବି ଏହା ଦେଖି ଖୁସି ହେଉଥିଲେ। ତାଙ୍କର ପ୍ରେରଣା ବି କମ୍ ନୁହେଁ। ରାତିରେ ପ୍ରାୟ ବାପାଙ୍କ ପାଖରେ ହିଁ ଶୋଇଥାଏ। ବାପା ବଡ଼ି ଭୋରରୁ ସେହି ମଶାରି ବିଛଣା ଭିତରେ ମୋତେ ହଲାଇ ନିଦରୁ ଉଠାଇ ତାଙ୍କ ସମୟର କେତେକେତେ ଅଭୁଲା ସ୍ମୃତିର ଅବତାରଣା କରିବା ସହ ବେଦ ଉପନିଷେଦ ଓ ପୁରାଣର କାହାଣୀମାନ କହି ବସୁଥିଲେ। ମୁଁ ସେଗୁଡ଼ିକ ଶୁଣି ବେଶ୍ ଆନନ୍ଦ ପାଉଥିଲି। ଆଉ ସେଥିରୁ କିଛି ଶିକ୍ଷା ଗ୍ରହଣକରି ନିଜ ଜୀବନରେ ପ୍ରତିଫଳିତ କରିବା ପାଇଁ ସେବେଠାରୁ ଉଦ୍ୟମ କରୁଥିଲି। ତେଣୁ ନିଃସନ୍ଦେହରେ କହିପାରେ ଯେ ସେହି ମା' ଓ ବାଆ ମୋର ସାହିତ୍ୟର ଆଦ୍ୟଗୁରୁ। ତେବେ ଧିରେଧିରେ ସାହିତ୍ୟ ଜଗତରେ ନିଜର ପଦଚିହ୍ନ ସୃଷ୍ଟି ହେଲା ପରେ ଟିକେ ପରିପକ୍ୱ ସମୟକୁ ଯେଉଁ ଚଳମାନ ଓଡ଼ିଆ ଲେଖକମାନଙ୍କୁ ପ୍ରତିନିୟତ ଭେଟୁଥିଲି ସେମାନଙ୍କୁ ମଧ୍ୟରୁ କବି ବ୍ରଜନାଥ ରଥ ଓ କଥାକାର ସାତକଡ଼ି ହୋତା ଏବଂ ମନୋଜ ଦାସଙ୍କ ଭଳି ପ୍ରମଣ୍ୟସ୍ରଷ୍ଟା ମୋର ସାରସ୍ୱତ ସାଧନାପଥରେ ପ୍ରେରଣାର ଉତ୍ସ ହେଲେ। ସେମାନଙ୍କୁ ମଧ୍ୟ ଆଜି ମୋ ସାହିତ୍ୟ ସାଧନାର ଏକ ସୁଦୀର୍ଘ ସମୟ ଖଣ୍ଡରେ ସ୍ମରଣ କରୁଛି। ଏମାନେ ମୋତେ ବହୁ ଦିଗରୁ ମୋର ଚେତନାର ଦିଗ-ଦିଗନ୍ତକୁ ସେମାନଙ୍କର ପ୍ରଭାବରେ ପ୍ରଭାବିତ କରିଛନ୍ତି।

■ ଆପଣ କବିତା, ଗଳ୍ପ ଓ ପ୍ରବନ୍ଧ ଲେଖନ୍ତି, କିନ୍ତୁ କେଉଁଥିରେ ଆପଣ ବେଶି ସ୍ୱଚ୍ଛନ୍ଦ।

■■ ଏହା ଏକ ଜଟିଳ ପ୍ରଶ୍ନ। ଏଇଥିପାଇଁ ଜଟିଳ କହିଲି ଯେ, ଏ ସମସ୍ତ ରଚନା ମଧ୍ୟରେ ଏକ ଅନ୍ତରୀଣ ସମ୍ପର୍କ ନିହିତ ଥାଏ। ତେବେ କବିତାରୁ ହିଁ ତ ପ୍ରାୟ ଅଧିକାଂଶ ଲେଖକ ନିଜର ଲେଖକୀୟ ଜୀବନ ଆରମ୍ଭ କରିଥାନ୍ତି ବୋଲି ଆମେ ଜାଣିଛୁ। କିନ୍ତୁ ମୋ କ୍ଷେତ୍ରରେ ତାହାର ବ୍ୟତିକ୍ରମ ଘଟିଥିଲା। ସେଦିନ ବାଲ୍ମିକୀ ବିରହ ଯନ୍ତ୍ରଣାଦଗ୍ଧ କ୍ରୌଞ୍ଚ ଦମ୍ପତିଙ୍କ ବ୍ୟାଧ ପ୍ରତି କାତର କଣ୍ଠରେ ଯେଉଁ ଅଭିସମ୍ପାଦକୁ ମର୍ମେମର୍ମେ ଅନୁଭବ କଲେ, ସେହିକ୍ଷଣି ହିଁ ତାଙ୍କ ହୃଦୟରୁ ଝରି ଆସିଥିଲା ସେମାନଙ୍କ ପାଇଁ ସମବେଦନା ଜଣାଇବାର ବିରହ କବିତା।
ସୃଜନଶୀଳ ସ୍ରଷ୍ଟା ଗୋଟିଏ ଗୋଟିଏ ମୁହୂର୍ତ୍ତରେ, ଏକ ଏକ ଘଟଣାପ୍ରବାହକୁ ନିଜର ଲେଖନୀମୁନରେ ପରିପ୍ରକାଶ କରେ। ତେଣୁ ମୁଁ ମଧ ସେଥିରୁ ବାଦ୍ ଯିବି ବା କିପରି ? ପରିବାରର ଅଭାବ ଅନଟନ ମଧ୍ୟରେ ଖାଇବା, ପିଇବା, ବଞ୍ଚିବାର ଯେଉଁ ନିରନ୍ତର ସଂଗ୍ରାମ ପୁଣି ପ୍ରତିନିୟତ ସମ୍ମୁଖୀନ ହେଉଥିବା ମୋ ଚତୁପାର୍ଶ୍ୱର ନାନା ଘଟଣା ଆଉ ଦୁର୍ଘଟଣାର ଗଭୀର ରେଖାପାତ ମୋ ମନ ଓ ହୃଦୟରେ ଆନ୍ଦୋଳିତ ହୋଇ ଯେଉଁ ଭାବତରଙ୍ଗ ସୃଷ୍ଟି କରୁଥିଲା ତାହା ତ କବିତାର ରୂପନେବା ସ୍ୱାଭାବିକ। ଏଣୁ କବିତା ଭିତରେ ହିଁ ଅଧିକ ମଗ୍ନହୋଇ ଯାଉଥିଲି। ସାତଖଣ୍ଡ କବିତା ଗ୍ରନ୍ଥ ରଚନା କରିଥିଲେ ବି ମୋର ମନେହୁଏ ଏଣିକି ପ୍ରବନ୍ଧରେ ମୁଁ ଅଧିକ ସ୍ୱଚ୍ଛନ୍ଦ। ଏହାର କାରଣ ସମ୍ଭବତଃ ଛାତ୍ର ଜୀବନରୁ ନିରନ୍ତର ବହୁବିଧ ବିଷୟ ଅଧ୍ୟୟନ, ଅନୁଶୀଳନ ଓ ଅନୁଧ୍ୟାନ ଭିତରେ ସ୍ୱକୀୟ ବିଚାରଧାରା କ୍ରମଶଃ ପରିପକ୍ୱତା ଲାଭ କରୁଥିବାରୁ ପ୍ରବନ୍ଧ ରଚନା ମୋ ପାଇଁ କବିତାଠାରୁ ବେଶି ସ୍ୱଚ୍ଛନ୍ଦ। ଏଯାବତ୍ ମଧ ପାଞ୍ଚଖଣ୍ଡ ପ୍ରବନ୍ଧ ପୁସ୍ତକ ରଚନାକରି ସାରିଛି। ଗଳ୍ପ ଖୁବ୍ ସ୍ୱଳ୍ପ ଲେଖିଛି ଏଯାବତ୍ ମାତ୍ର ଦଶଟି ଗଳ୍ପ ଲେଖିଛି ଓ ସେଗୁଡ଼ିକ ଗୋଟିଏ ଗଳ୍ପ ପୁସ୍ତକ 'ପ୍ରୀତିପ୍ରତ୍ୟୟ' ନାମରେ ସଂକଳିତ ହୋଇ ପାଠକଙ୍କ ଆଦରଲାଭ କରିଛି। ମୁଁ ଆଜି ଯାଏଁ ଜାଣେନା ମୋତେ ପ୍ରିୟ ପାଠକମାନେ ଜଣେ କବି ଭାବେ ବା ପ୍ରାବନ୍ଧିକଭାବେ ଅଧିକ ଗ୍ରହଣ କରିଥାନ୍ତି। ତେବେ ଉଭୟ ରଚନାରେ ମୁଁ ନିଜକୁ ସୁଖୀ ମଣେ। ଜଣେ ସୃଜନ ସ୍ରଷ୍ଟା ସୁସମ୍ପାଦକ ହୋଇଥାଏ। ସମ୍ପାଦନା କାର୍ଯ୍ୟ ଏତେ ସହଜ ନୁହେଁ। ଏହି କାର୍ଯ୍ୟ କଲା ବେଳେ ନିଜର ମୌଳିକ ସୃଷ୍ଟି ଯଥେଷ୍ଟ କମିଯାଇଥାଏ। ମାତ୍ର ଗୋଟିଏ ଭୂଖଣ୍ଡର ଭାଷା-ସାହିତ୍ୟର ଶ୍ରୀବୃଦ୍ଧିରେ ଜଣେ ସମ୍ପାଦକର ଭୂମିକା ଉଲ୍ଲେଖନୀୟ । ତାଙ୍କରି ହାତ ଦେଇ କେତେକେତେ ଲେଖକ ଶାଣିତ ହୋଇଥାନ୍ତି। ମୁଁ ଦୀର୍ଘ ୨୫ବର୍ଷ ଧରି ସାହିତ୍ୟ ପତ୍ରିକା 'ଓଡ଼ିଆ ମୁଖଶାଳା ସୁବର୍ଣ୍ଣଶ୍ରୀ' ସମ୍ପାଦନା କରିଆସୁଛି। ଅନ୍ୟ ପକ୍ଷରେ ଜଣେ ଲେଖକ ଯେବେ ପ୍ରକାଶକ ଭୂମିକାରେ ଅବତୀର୍ଣ୍ଣ ହୁଅନ୍ତି ସେ ଅସଂଖ୍ୟ ପାଣ୍ଡୁଲିପିକୁ ଅଧ୍ୟୟନ ସହ ତା'ର ଆବଶ୍ୟକୀୟ ସଂଶୋଧନ କରି ପ୍ରକାଶନ ଉପଯୋଗୀ କରିଥାନ୍ତି। ଯାହାକି ତାଙ୍କର ବୌଦ୍ଧିକ ଦିଗ ଅଧିକ ପରିବ୍ୟାପ୍ତ ହୁଏ। ଯାହା ମୋ କ୍ଷେତ୍ରରେ ଅଧିକ ପ୍ରତିଫଳିତ ହେଉଥିବାରୁ ମୁଁ ଏଣିକି କବିତାର ସୁକୁମାର୍ଯ୍ୟା କଳାନୈପୁଣ୍ୟରୁ କିଛି କାଂଶରେ ଦୂରେଇ ପ୍ରବନ୍ଧ କ୍ଷେତ୍ରରେ ଅଧିକ ମନୋନିବେଶ କରିଛି।



ନିଜ ପିତା ପଣ୍ଡିତ ଅତୁଲ ପଣ୍ଡାଙ୍କ ସହ...

■ କୁହାଯାଏ ଈଶ୍ୱରଦତ୍ତ ପ୍ରତିଭା ନଥିଲେ ଜଣେ ମଣିଷ କବି ବା ଲେଖକ ହୋଇପାରେନା। ଆପଣ ଏ ସଂପର୍କରେ କ'ଣ ମତ ରଖିବେ ?

■■ ଆପଣଙ୍କ ପ୍ରଶ୍ନ ମଧ୍ୟରେ ଉତ୍ତର ନିହିତ। ପୃଥିବୀରେ ପ୍ରତ୍ୟହ କୋଟିକୋଟି ମଣିଷଙ୍କର ଜନ୍ମ ଆଉ ମୃତ୍ୟୁର ନିତ୍ୟଲୀଳା ଅବ୍ୟାହତ। ପ୍ରତିଟି ମଣିଷର ଗୋଡ଼ ଅଛି ବୋଲି ସେ ଚାଲିପାରୁଛି, ଆଖି ଅଛି ବୋଲି ଦେଖି ପାରୁଛି, କାନ ଅଛି ବୋଲି ଶୁଣିପାରୁଛି, ହେଲେ ସମସ୍ତଙ୍କର ହାତ ଅଛି ବୋଲି ସମସ୍ତେ ଲେଖିପାରନ୍ତି ନାହିଁ । ଯେଉଁମାନେ ଲେଖିବାରେ ସମର୍ଥ ହୁଅନ୍ତି ତାହା ଯେ ଏକ ଈଶ୍ୱରଦତ୍ତ ପ୍ରତିଭା ତାହାକୁ ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଏହା ବି ସତ୍ୟ ଯେ ନିରନ୍ତର ସାଧନା ଦ୍ୱାରା ସିଦ୍ଧି ବି ଆସେ।

■ ଆଜି ଲେଖକଙ୍କ ସଂଖ୍ୟା ପୂର୍ବ ଅପେକ୍ଷା ବହୁ ଅଧିକ ହୋଇଥିବା ବେଳେ କାଳଜୟୀ ଲେଖାଟିଏ ଆଖିରେ ପଡୁନାହିଁ। ଏମିତି କାହିଁକି ?

■■ ଏହା ଏକ ସମ୍ବେଦନଶୀଳ ପ୍ରଶ୍ନ । ଏବେ ତ ମୋର ମନେହୁଏ ଆମ ରାଜ୍ୟରେ ପାଠକଙ୍କ ଅପେକ୍ଷା ଲେଖକଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ବିଶେଷ ଭାବେ କବିଙ୍କ ସଂଖ୍ୟା ସର୍ବାଧିକ। ପ୍ରତ୍ୟହ ଶହଶହ କବିତା ରଚନା ହେଉଛି। କିନ୍ତୁ ମଧୁବାବୁ, ଗୋପବନ୍ଧୁ, ରାଧାନାଥ, ଦୀନକୃଷ୍ଣ ବା ଗଙ୍ଗାଧରଙ୍କ ଭଳି କବିମାନଙ୍କର କବିତା ଯେଭଳି ଶତବର୍ଷ ଧରି ଲୋକଙ୍କ ହୃଦୟକୁ ଆଚ୍ଛାଦିତ କରି ଆସିଛି ତାହା ଏବର କବିଙ୍କ କବିତାରୁ ମିଳୁନାହିଁ। ଏହାର କାରଣ ହେଲା, କବିତା କେବଳ ଶବ୍ଦ ଗୁମ୍ଫନର ଦସ୍ତାବିଜ ନୁହେଁ। ତାହା ଗଭୀର ଭାବାବେଗ ଓ ସାନ୍ଦ୍ର ଅନୁଭୂତିର ପ୍ରତିଫଳନରେ ହୃଦୟଛୁଆଁ ହୋଇଥାଏ । ପୁଣି ଆପଣଙ୍କ ପୂର୍ବ ପ୍ରଶ୍ନ ମଧ୍ୟରେ ଯେଉଁ ଉତ୍ତର ଟି ଥିଲା ତାହା ହେଉଛି ବିଭୁଦତ୍ତ କୃପା। ତାହା ବିନା କେବଳ କବି ହେବା ନାମରେ ଯେଉଁ ଚେଷ୍ଟା, ତାହା ଫଳରେ ଜନମନକୁ ହରଣ କଲା ଭଳି କବିତା ସୃଷ୍ଟି ହୋଇପାରୁନାହିଁ। ଅନ୍ୟ ପକ୍ଷରେ ସାମ୍ପ୍ରତିକ ସ୍ଥିତିରେ ଯେଉଁ କାହାଣୀ ଲେଖାଯାଉଛି ତାହା ବି ଏତେ ପ୍ରଭାବଶାଳୀ ହେଉନାହିଁ। ପ୍ରବନ୍ଧ ଜଗତ ତ ଖୁବ୍ ଦୁର୍ବଳ। ଆମ ରାଜ୍ୟରେ ହାତଗଣତି ପ୍ରାବନ୍ଧିକ ରହିଛନ୍ତି। ମୌଳିକ ରଚନା ସେତିକିବେଳେ ପ୍ରାଣରେ ପୁଲକ ସୃଷ୍ଟି କରେ, ଯେତେବେଳେ ସେହି ଲେଖକ କାହାଣୀର ଉପସ୍ଥାପନା କରି ତା'ର ଏକ ସମାଧାନର ସୂକ୍ଷ୍ମ ବିଚାର ଚରିତ୍ର ମଧ୍ୟରେ ଦେଇଥାଏ। ମାତ୍ର ଏବେ ତ କାହାଣୀକାରମାନେ କେବଳ ଘଟଣାର ହିଁ ଅବତାରଣା କରୁଛନ୍ତି, ଯାହାଫଳରେ ତାହା ପାଠକଙ୍କୁ ଆକୃଷ୍ଟ କରିପାରୁନାହିଁ। ତଥାପି ଅଳ୍ପ କିଛି ଲେଖା ପାଠକଙ୍କ ଆଦରଲାଭ କରୁଛି।

■ ମାତୃଭାଷା ଏବେ ସଂକଟରେ। ଏଥିରୁ ମୁକ୍ତି ପାଇପାରିବାର ମାର୍ଗ ଗଳ୍ପ/କବିତାକୁ ଆଧାରକରି କରାଯାଇପାରିବ କି ?

■■ ଏହାବି ଏକ ସମ୍ବେଦନଶୀଳ ପ୍ରସଙ୍ଗ। ମାତୃଭାଷାକୁ ଶ୍ରୀବୃଦ୍ଧି କରାଇଥାଏ ସେ ଭାଷାର ସାହିତ୍ୟରେ ଲେଖା ଯାଉଥିବା ବିଭିନ୍ନ ବିଭାଗର ସୃଷ୍ଟି। ମାତ୍ର ଭାଷା ସଙ୍କଟ ସୃଷ୍ଟି ହୁଏ ସେହି ଭୂମିର ଜନଗଣ ଦୈନନ୍ଦିନ ଜୀବନରେ ନିଜର ମାତୃଭାଷାକୁ ପ୍ରୟୋଗ କରୁନଥିଲେ। ଆମ ଭାଷା ଯେ ସଙ୍କଟରେ ଅଛି ଏହା ମୁଁ ସ୍ୱୀକାର କରିବି ନାହିଁ। ହଁ ଏହା ସତ୍ୟ ଯେ, ଜଗତିକରଣ ଯୁଗରେ ପ୍ରତିଟି ଭାଷା ଆଉ ଏକ ଭାଷା ଦ୍ୱାରା ଆକ୍ରାନ୍ତ। ଏହା ହେବା ସ୍ୱାଭାବିକ। କିନ୍ତୁ ମୋର ବିଶ୍ୱାସ ଆମ ଭାଷାର ଯେଉଁ ସଙ୍କଟ ଅତୀତରେ ଆସିଥିଲା ତାହାର ସମ୍ଭାବନା ଆଦୌ ନାହିଁ। କାରଣ ସେତେବେଳେ ଅଶିକ୍ଷା ଓ ସଚେତନତାର ଯଥେଷ୍ଟ ଅଭାବ ଥିଲା।

■ ଲେଖକଟିଏ ଋହିଁଲେ ତା' ଲେଖାରେ କାହାର ମାନସିକତା ପରିବର୍ତ୍ତନ କରିପାରିବ ବୋଲି ଆପଣ ଆଶାବାଦୀ କି ?

■■ ହଁ ଏହାତ ନିଶ୍ଚୟ। ଏହାତ ସବୁକାଳରେ ଘଟିଛି। ଲେଖକ ହିଁ ବ୍ୟକ୍ତିର ଚେତନାକୁ ପରିବର୍ତ୍ତନ ସବୁକାଳରେ କରିଥାଏ। ବ୍ୟକ୍ତି ତା'ର ଭଲମନ୍ଦ କର୍ମର ପ୍ରତିଫଳନ ହିଁ ଲେଖକର କାଳଜୟୀ ଲେଖା ମଧ୍ୟରୁ ଜାଣିନେଇଥାଏ। ଆମ ଭାରତୀୟ ପରିପ୍ରେକ୍ଷୀରେ ରାମାୟଣ, ମହାଭାରତ, ଶ୍ରୀମଦ୍ ଭାଗବତ ଏବଂ ଶ୍ରୀମଦ୍ ଭଗବତ୍ ଗୀତା ସହ ଅଷ୍ଟାଦଶ ପୁରାଣ ଅଧ୍ୟୟନ ମଧ୍ୟରେ ସେ ନିଜକୁ ଯଥେଷ୍ଟ ପରିବର୍ତ୍ତନ କରାଇନେବାର ବାର୍ତ୍ତା ପାଇଥାଏ। ଆମ ସାହିତ୍ୟର କେତେକେତେ କାଳଜୟୀ କାହାଣୀ ଏବଂ କାବ୍ୟ କବିତା ପଢ଼ି ବ୍ୟକ୍ତି ତା'ର ଚେତନାକୁ ଉର୍ଦ୍ଧ୍ୱାୟିତ କରିଥାଏ। ତେଣୁ ଲେଖକ ସବୁକାଳେ ପରିବର୍ତ୍ତନର ମାର୍ଗ ଉନ୍ମୋଚନ କରାଏ। ସେ ଏକ ଏକ ସମୟ ଖଣ୍ଡର ତପସ୍ୱୀ, ଲେଖା ତା'ର ତପସ୍ୟା। ଲେଖକର ଆହ୍ୱାନରେ ସୃଷ୍ଟି ହୁଏ ବିପ୍ଲବ ତ ପୁଣି ଶାନ୍ତି।

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?

■■ ଓଡ଼ିଆ ସାହିତ୍ୟର ସ୍ଥିତି ଖୁବ୍ ମଜବୁତ୍। ଏହାର ସ୍ଥିତିଶୀଳତାକୁ ନେଇ ମୁଁ ଯଥେଷ୍ଟ ଆଶାବାଦୀ। ସାରଳା ଦାସ, ଜଗନ୍ନାଥ ଦାସଙ୍କ ଠାରୁ ଆରମ୍ଭ କରି ଓଡ଼ିଆ ସାହିତ୍ୟର ଭିତ୍ତିଭୂମି ବେଶ୍ ସୁଦୃଢ଼। ଭାରତର ଅନ୍ୟ ଯେକୌଣସି ପ୍ରାନ୍ତୀୟ ସାହିତ୍ୟଠାରୁ ଆମର ସାହିତ୍ୟ କୌଣସି ଗୁଣରେ କମ୍ ନୁହେଁ। ଏହାର ଏକ ସୁଦୃଢ଼ ଭିତ୍ତିଭୂମି ପଡ଼ି ସାରିଛି। ଆମେ କେବଳ ତାହାକୁ ଆହୁରି ଅଧିକ ମଜବୁତ୍ କରିବା ପାଇଁ ଯତ୍ନଶୀଳ ହେବାର ଆବଶ୍ୟକତା ରହିଛି।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ?

■■ ପୁରସ୍କାର ଏକ ପ୍ରେରଣା। ଏହା ସ୍ରଷ୍ଟାକୁ ଅଧିକ ଦାୟିତ୍ୱବାନ ହେବାରେ ପରୋକ୍ଷରେ ଇଂଗିତ କରାଇଥାଏ। ବୃହତ୍ତର ସମାଜ ଆପଣଙ୍କୁ ଯେତେବେଳେ ସ୍ୱୀକୃତି ଦେବାକୁ ଆରମ୍ଭ କଲାଣି ସେତେବେଳେ ଆପଣ ଅଧିକ ସଚେତନ ହୋଇ ନିଜର ସୃଜନ କର୍ମରେ ଅଧିକରୁ ଅଧିକ ଯତ୍ନଶୀଳ ହେବାକୁ ବାଧ୍ୟ ହୁଅନ୍ତି। ଏଣୁ ଲେଖକ ଜୀବନରେ ପୁରସ୍କାର ଯଥେଷ୍ଟ ଗୁରୁତ୍ୱ ବହନ କରେ। ଏହାର ଅର୍ଥ ହେଲା ଯେକୌଣସି କର୍ମ ପ୍ରତି ଏକ ଆନୁଷ୍ଠାନିକ ସ୍ୱୀକୃତି। ତେବେ ଅଧୁନାତନ ଆମ ସାହିତ୍ୟ ଜଗତରେ ଏହି ପୁରସ୍କାର ପ୍ରାପ୍ତି ବାଦବିବାଦର ବି ସୂତ୍ରପାତ କରାଉଛି। ଗୋଷ୍ଠୀବାଦ ଭିତରେ ପୁରସ୍କାରର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠୁଛି। ପୁଣି ଛତୁଫୁଟିଲା ଭଳି ଅସଂଖ୍ୟ ଛୋଟବଡ଼ ସାହିତ୍ୟ ଅନୁଷ୍ଠାନ ପ୍ରତିଦିନର ପୁରସ୍କାରର ପ୍ରାବଲ୍ୟରେ ପ୍ରକୃତ ସ୍ରଷ୍ଟା ମୁହଁ ଲୁଚେଇବାକୁ ବାଧ୍ୟ ହେଉଛି। ଏ ନେଇ କୌଣସି ନୀତିନିୟମ ଆଜି ଯାଏଁ ପ୍ରଣୟନ ହେଉନାହିଁ। ଯିଏ ଯାହାକୁ ଯେତେବେଳେ ଯେମିତି ଭାବେ ଠିକ୍ ଲାଗିଲା ସେ ତା'କୁ ପୁରସ୍କାରର ମୁକୁଟ ପିନ୍ଧାଉଛି ଫଳରେ ପ୍ରକୃତ ପ୍ରତିଭା ନିବରରେ ଅଶ୍ରୁ ବିସର୍ଜନ କରିବାକୁ ବାଧ୍ୟ ହୋଇଥାଏ। ଏତେବେଳେ ପୁରସ୍କାର ପ୍ରାପ୍ତି ଯେ ସାଧନାକୁ ଅଧିକ ପ୍ରୋତ୍ସାହନ ଯୋଗାଇଥାଏ ଏକଥା ଆଜି ସମୟରେ ବି କୁହାଯାଇ ପାରିବନାହିଁ। ♥♥



ନିଜ ପୁସ୍ତକ ଉନ୍ମୋଚନ ଉତ୍ସବରେ ନିଜ ମା' ଓ ଅନ୍ୟ ଅତିଥିମାନଙ୍କ ସହ କବି କାଳୀପଦ...



ଯେଉଁ ସ୍ରଷ୍ଟାଙ୍କ ବିପୁଳ ସାରସ୍ୱତ ସମ୍ପଦ ସମ୍ପର୍କରେ ଗବେଷଣା କରି ପିଏଚଡି ଡିଗ୍ରୀ ଲାଭ କରିଛନ୍ତି ସେହି ପ୍ରଣମ୍ୟ କଥାକାର ସାତକଡି ହୋତା ଓ ତାଙ୍କ ପତ୍ନୀ ଗୀତା ହୋତାଙ୍କ ସହ କବି ଡ. କାଳୀପଦ ପଣ୍ଡା...

## ପ୍ରଥମ ବିଦେଶ ଯାତ୍ରା

**ନନ୍ଦିତା ମହାନ୍ତି**

# ମୋ ଝର୍କାରୁ ଆମେରିକା...

ଭାଗ-୩





**ଗାଡି ଏୟାରପୋର୍ଟରୁ ବାହାରି ଦୌଡିଲା ରାଜରାସ୍ତାରେ । ଉପରେ ଫ୍ଲାଏ ଓଭର । ବର୍ଷା ଯୋଗୁଁ ରାସ୍ତା ଅପେକ୍ଷାକୃତ ଶୁନସାନ ଲାଗୁଥିଲା । ରାସ୍ତାକଡରେ ହାତ ଟେକି ଛିଡା ହେଇଥିବା ବତୀଖଣ୍ଟଗୁଡିକ ରାସ୍ତାକୁ ଆଲୋକିତ କରିବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରୁଥିଲେ । ମୋର ଭିତରର ଭୟ କି କଣ ......ମୋତେ ଲାଗୁଥିଲା ମୁଁ ଯେମିତି ଗୋଟେ ଅନ୍ଧାରିଆ ସୁଡଙ୍ଗ ମଧ୍ୟରେ କ୍ରମଶଃ ପଶି ପଶି ଯାଉଛି ।**

(ପୂର୍ବ ପ୍ରକାଶିତ ଉତ୍ତାରୁ) ଏବେ ଯେଉଁଠି ଫ୍ଲାଇଟ ଲ୍ୟାଣ୍ଡ କରିଥିଲା ତାହା ଥିଲା ମୁମ୍ବାଇର ଘରୋଇ ବିମାନବନ୍ଦର । ବିଦେଶକୁ ଯିବା ପାଇଁ ମୋତେ ଆନ୍ତର୍ଜାତୀୟ ବିମାନବନ୍ଦରକୁ ଯିବାକୁ ହେବ । ଆଉ ମୁମ୍ବାଇର ଆନ୍ତର୍ଜାତୀୟ ବିମାନବନ୍ଦର ଘରୋଇ ବିମାନବନ୍ଦର ଠାରୁ ଚାରି କିଲୋମିଟର ଦୂର । କଥା ହୋଇଥିଲା ମୁମ୍ବାଇ ଠାରେ ରହୁଥିବା ମୋ ସ୍ୱାମୀଙ୍କର ବନ୍ଧୁ ମୋତେ ଏଠାରୁ ନେଇ ଛାଡ଼ିବେ ଆନ୍ତର୍ଜାତୀୟ ବିମାନବନ୍ଦରରେ । ମୁଁ ହ୍ୱିଲରୁ ନିଜର ବ୍ୟାଗ ନେଇସାରିବା ଭିତରେ ମୋ ସ୍ୱାମୀଙ୍କର ତିନୋଟି କଲ ଆସି ସାରିଥିଲା । ମୁଁ ବ୍ୟାଗ ସବୁ ଟ୍ରଲିରେ ରଖିସାରି ତାଙ୍କୁ କଲ କଲି । ସିଏ ଯାହା କହିଲେ ଶୁଣି କି ମୋର ତ ହୋସ ଉଡିଗଲା । ଅଧିକ ବର୍ଷା ହେତୁ ୱାଟର ଲଗିଙ୍ଗ ପରିସ୍ଥିତି ଉପୁଜିଛି ଆଉ ସେଥିପାଇଁ ତାଙ୍କର ବନ୍ଧୁ ଘରୁ ବାହାରି ପାରୁନାହାନ୍ତି । ମୁଁ ଆଉ ଅଧିକ ଶୁଣିବା ଅବସ୍ଥାରେ ନଥିଲି । ଏବେ ତ ମୋତେ କାନ୍ଦି ପକେଇବାକୁ ଇଚ୍ଛା ହେଉଥିଲା । ମୁମ୍ବାଇ ପରିକା ସହର, ସେଥିରେ ପୁଣି ଏକୁଟିଆ ଆଉ ତା ସହିତ ବର୍ଷାରାତି, ସମୟ ରାତି ଏଗାରଟା । ପର ମୁହୂର୍ତ୍ତରେ ମୁଁ ନିଜକୁ ସମ୍ଭାଳିଲି । ସ୍ୱାମୀଙ୍କ ଠାରୁ ତାଙ୍କ ବନ୍ଧୁଙ୍କର ଫୋନ ନମ୍ବର ନେଇ ତାଙ୍କ ସହିତ କଥା ହେଲି । ସିଏ ମୋତେ ଆଶ୍ୱାସନା ଦେଲେ । "ବ୍ୟସ୍ତ ହେବାର କିଛି ନହିଁ । ଏକଜିଟ ଗେଟ ନିକଟରେ ବାମ ପଟକୁ ଟ୍ୟାକ୍ସି ବୁକିଙ୍ଗ କାଉଣ୍ଟର ଅଛି । ସେଇଠୁ ଆନ୍ତର୍ଜାତୀୟ ବିମାନବନ୍ଦର ପାଇଁ ଟ୍ୟାକ୍ସି ବୁକିଙ୍ଗ କରନ୍ତୁ । ସେଠାରୁ ବୁକିଙ୍ଗ କରିବା ସୁରକ୍ଷିତ । କାରଣ ଏହାକୁ ମୁମ୍ବାଇ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ଲିମିଟେଡ କଣ୍ଟ୍ରୋଲ କରିଥାଏ ।"

ମୁଁ ସେହି ବୁକିଂ କାଉଣ୍ଟରକୁ ଯାଇ କହିଲି ମୁମ୍ବାଇ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ ପାଇଁ କ୍ୟାବଟିଏ ବୁକ୍ କରିବା ପାଇଁ । ସିଏ ବୁକିଙ୍ଗ କରି ସାରି ମୋତେ ଗାଡି ନମ୍ବର ଦେଲେ । ତାକୁ ନେଇ ମୁଁ ବାହାରକୁ ଆସିଲି । ବାହାରେ ଯାତ୍ରା ପରି ଲୋକଙ୍କ ଭିଡ । ଯେମିତି ଜନ ସମୁଦ୍ର । କେତେ ଗାଡି ଆସୁଛି, ଯାଉଛି । ଲୋକ ଆସୁଛନ୍ତି, ଯାଉଛନ୍ତି । ଏଥିରେ ମୁଁ କେମିତି ପାଇବି ସେଇ ଗାଡିକୁ । ଏସବୁ ମୋ ପାଇଁ ଏକଦମ ନୂଆ ଅଭିଜ୍ଞତା । ଯା ଭିତରେ ୧୫/୨୦ ମିନିଟ୍ ବିତିଗଲାଣି । ହଠାତ ଗୋଟେ ଅଜଣା ନମ୍ବରରୁ କଲ୍ ଆସିଲା । ଗାଡିର ଡ୍ରାଇଭର କଲ୍ କରିଥିଲା । ସିଏ ଟିକେ ବିରକ୍ତ ହେଇ ବମ୍ବେଇୟା ହିନ୍ଦୀରେ କହୁଥିଲା, "ଆପଣ କେଉଁଠି ଅଛନ୍ତି । ମୁଁ ଦୁଇଥର ରାଉଣ୍ଡ ମାରି ଆସିଲିଣି । କାରଣ ଏୟାରପୋର୍ଟ ସାମନାରେ କୌଣସି ଗାଡି ଦୁଇ ମିନିଟରୁ ଅଧିକ ସମୟ ଛିଡା ହୋଇ ପାରିବନାହିଁ ।"

ମୁଁ ତାକୁ ବହୁତ କଷ୍ଟରେ ବୁଝେଇଲି ଯେ ମୁଁ କେଉଁଠି ଛିଡା ହେଇଛି । ସିଏ କହିଲା, ଦୁଇ ମିନିଟରେ ପହଞ୍ଚୁଛି । ଗାଡିର ନମ୍ବର ଦେଖୁଥାଆନ୍ତୁ ।"

ସତକୁ ସତ ଗାଡି ଠିକ୍ ଦୁଇ ମିନିଟରେ ଆସି ମୋ ସାମନାରେ ଲାଗିଲା। ଡ୍ରାଇଭର ଗାଡିରୁ ଓହ୍ଲାଇ ଟ୍ରଲି ବ୍ୟାଗକୁ ଗାଡି ଡିକିରେ ରଖିଲା । ମୁଁ ପଛ ସିଟ୍‌ରେ ବସିଲି । ଗାଡି ଏୟାରପୋର୍ଟରୁ ବାହାରି ଦୌଡିଲା ରାଜରାସ୍ତାରେ । ଉପରେ ଫ୍ଲାଏ ଓଭର । ବର୍ଷା ଯୋଗୁଁ ରାସ୍ତା ଅପେକ୍ଷାକୃତ ଶୁନସାନ ଲାଗୁଥିଲା । ରାସ୍ତାକଡରେ ହାତ ଟେକି ଛିଡା ହେଇଥିବା ବତୀଖଣ୍ଟଗୁଡିକ ରାସ୍ତାକୁ ଆଲୋକିତ କରିବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରୁଥିଲେ । ମୋର ଭିତରର ଭୟ କି କଣ ......ମୋତେ ଲାଗୁଥିଲା ମୁଁ ଯେମିତି ଗୋଟେ ଅନ୍ଧାରିଆ ସୁଡଙ୍ଗ ମଧ୍ୟରେ କ୍ରମଶଃ ପଶି ପଶି ଯାଉଛି । ମୁମ୍ବାଇ ରାସ୍ତା ବିଷୟରେ ମୋର କୌଣସି ଧାରଣା ନ ଥିଲା । ତେଣୁ ଡ୍ରାଇଭର ମୋତେ କେଉଁ ରାସ୍ତାରେ ନେଉଛି ସେ ବିଷୟରେ ମୁଁ କିଛି ଜାଣି ପାରୁ ନ ଥିଲି । ଦିନ ହୋଇଥିଲେ କଥା ଅଲଗା ହୋଇଥାନ୍ତା । ରାତ୍ରିର ଚରିତ୍ର ହିଁ ଭୟ ଉଦ୍ରେକକାରୀ । ମୁଁ ମନେ ମନେ ତେତିଶ କୋଟି ଦେବାଦେବୀ ସମସ୍ତଙ୍କୁ ଗୁହାରୀ କରୁଥିଲି । ପ୍ରଭୁ, ଏଇ ଘୋର ବିପତ୍ତି କାଳରେ ତୁମେ ହିଁ ମୋର ସାହାଭରସା । ଏଇ ସମୟରେ ମୋ ଆଖିରେ ପଡିଲା, ବଡ ବଡ ଅକ୍ଷରରେ ଲେଖା ହୋଇଥିବା ଛତ୍ରପତି ଶିବାଜୀ ମହାରାଜ ଇଣ୍ଟରନାସନାଲ ଏୟାରପୋର୍ଟ, ଟର୍ମିନାଲ ନମ୍ବର -୨ । ଓଃ ! ଆଶ୍ୱସ୍ତିର ଦୀର୍ଘଶ୍ୱାସ ମୋର ଛାତି ଚିରି ପଦାକୁ ବାହାରିଆସିଲା। ଏତେବେଳକେ ମୋ ଭିତରେ ଯେମିତି ଜୀବନ ପଶିଲା ।

ଟ୍ୟାକ୍ସିରୁ ଜିନିଷପତ୍ର କାଢି, ଗେଟରେ ଛିଡା ହୋଇଥିବା ଗାର୍ଡକୁ ଟିକେଟ ଓ ପାସପୋର୍ଟ ଦେଖେଇ ମୁଁ ଭିତରକୁ ଗଲି । ହଠାତ ଲାଗିଲା ମୁଁ ଯେମିତି ଏକ ଅତ୍ୟାଧୁନିକ ମହଲ ଭିତରକୁ ପଶିଆସିଲି । ଚାରିଆଡ ସଫାସୁତର, ଚିକ୍ ଚିକ୍ । ଶିଳ୍ପୀ ହାତରୁ ଉତୁରି ଆସିଥିବା ସୁନ୍ଦର ଆର୍ଟ ଯେମିତି । ମଝିରେ ମଝିରେ ବସିବା ପାଇଁ ସ୍ଥାନ । ମୁଁ ପ୍ରଥମେ ଯାଇ ବସିଗଲି ଗୋଟେ ଚେୟାରରେ । ସେତେବେଳକୁ ରାତି ଗୋଟାଏ ପାଖାପାଖି ହେଲାଣି । ମୋବାଇଲରେ କଲ କରି ସମସ୍ତଙ୍କୁ ଜଣେଇଦେଲି ଯେ ମୁଁ ଭଲରେ ଭଲରେ ଏୟାରପୋର୍ଟରେ ପହଞ୍ଚିଗଲି । ଏବେ ଆଉ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ମୁଁ ଜାଣିଛି ବଡ ସାହସ କରି ମୋତେ ଏକୁଟିଆ ଯିବାକୁ ଦେଲେ ବି ସମସ୍ତେ ମୋତେ ନେଇ ଖୁବ ଚିନ୍ତିତ ଥିବେ।

ଏୟାରପୋର୍ଟ ଭିତରେ ମଝିରେ ମଝିରେ ବଡ ବଡ ଗୋଲାକାର ସ୍ତମ୍ଭ, ଆଉ ତା ଉପରକୁ ଲାଗିଛି ବିରାଟ ବିରାଟ ଏଲଇଡି ସ୍କ୍ରିନ ଯେଉଁଥିରେ ଡିସପ୍ଲେ ହେଉଛି ବିଭିନ୍ନ ଫ୍ଲାଇଟର ଆଗମନ ଓ ପ୍ରସ୍ଥାନର ସମୟ । ମୁଁ ସେଥିରେ ମୋର ଫ୍ଲାଇଟର ନାଁ ଖୋଜିଲି । ହେଲେ କେଉଁଠି ହେଲେ ମୋ ଫ୍ଲାଇଟର ନାଁ ଦେଖାଉ ନ ଥିଲା । ମୁଁ ତ ପୁରା ଭୟ ପାଇଗଲି । କାହାକୁ ପଚାରିବି । ଲୋକମାନେ ଯାଉଛନ୍ତି, ଆସୁଛନ୍ତି । ସମସ୍ତେ ନିଜର ବ୍ୟସ୍ତତା ଭିତରେ ମଗ୍ନ । ଯେମିତି ସମୟ ଦୌଡୁଛି ଆଉ ତା ସହିତ ତାଳ ଦେଇ ବାକି ସମସ୍ତେ ବି ଦୌଡୁଛନ୍ତି । ଶେଷରେ ମୁଁ ଜଣେ ସିକ୍ୟୁରିଟି ଅଫିସରଙ୍କୁ ପଚାରିଲି । ସିଏ ମୋର ଟିକେଟ ଚେକ୍ କରି କହିଲେ ରାତି ୨.୫୦ରେ ଚେକଇନ ଆରମ୍ଭ ହେବ। ତାର କିଛି ସମୟ ପୂର୍ବରୁ ଡିସପ୍ଲେରେ ଦେଖେଇବ । ଏବେ ଅପେକ୍ଷା କରିବାର ପାଳି ମୋର ।

ଧାଡ଼ି ଧାଡ଼ି ହେଇ ଅନେକ କାଉଣ୍ଟର। ଭିନ୍ନ ଭିନ୍ନ ଦେଶ ଓ ଭିନ୍ନ ଭିନ୍ନ ଏୟାରୱେଜ ପାଇଁ । ଲୋକମାନେ ଧାଡିରେ ଛିଡା ହେଉଛନ୍ତି ଓ ନିଜ ନିଜର ବୋଡିଙ୍ଗ ପାସ ନେଉଛନ୍ତି । ମୁଁ ଚାହିଁଥାଏ ମୋର ପାଳି ଆସିବାକୁ । ପ୍ରାୟ ୨.୩୦ ରେ ଡିସପ୍ଲେରେ ଦେଖେଇଲା କୁଏତ ଯିବାକୁ ଥିବା କୁଏତ ଏୟାରୱେଜର ଚେକଇନ ଆରମ୍ଭ ହେବ। ପ୍ରଥମେ ବିଜିନେସ କ୍ଲାସ ଆଉ ତାପରେ ଇକୋନୋମି କ୍ଲାସ । ମୁଁ ଯାଇ ଧାଡିରେ ଛିଡା ହୋଇପଡିଲି । ବୋଡିଙ୍ଗ ପାସ ନେଲି । ବ୍ୟାଗ ସବୁ ଚେକଇନରେ ଦେଇ ମୁଁ ସିକ୍ୟୁରିଟି ଚେକିଙ୍ଗ ପାଇଁ ଗଲି। ବୋର୍ଡିଙ୍ଗ ପାସ ଅନୁସାରେ ମୋଟ ଫ୍ଲାଇଟ ଗେଟ ନମ୍ବର ୬୩ ରେ ଆସିବା କଥା । ଅଗତ୍ୟା ମୁଁ ନିଜର କ୍ୟାବିନ ବ୍ୟାଗ ଓ ହ୍ୟାଣ୍ଡ ବ୍ୟାଗ ନେଇ ଗେଟ ଅଭିମୁଖେ ଚାଲିଲି । ମୁମ୍ବାଇ ଏୟାରପୋର୍ଟରେ ପ୍ରାୟ ୯୦ ଟି ବୋର୍ଡିଙ୍ଗ ଗେଟ ଓ ପ୍ରାୟ ୬୦ ଟି ବୋର୍ଡିଙ୍ଗ ବ୍ରିଜ ଅଛି । ମୋ ପାଇଁ ଉଦ୍ଦିଷ୍ଟ ଗେଟ ନିକଟରେ ପହଞ୍ଚିବା ପାଇଁ ଖୁବ ଲମ୍ବା ରାସ୍ତା ଚାଲିବାକୁ ପଡିବ ।

(ଆରଥରକୁ)




♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

---

ପଢ଼ିବା ପରେ...

## ଆପଣା କଳା କର୍ମମାନ






ବ୍ୟଙ୍ଗ ସାହିତ୍ୟ ବା ରମ୍ୟ ରଚନା କ୍ଷେତ୍ରରେ ସବୁଠୁଁ ବଡ଼ ଆହ୍ୱାନ ହେଲା ଏହାର କଥାବସ୍ତୁରେ ସତ୍ୟ ହିଁ ମୁଖ୍ୟ ଅସ୍ତ୍ର। ଆଜି କାଲି ସତ୍ୟକୁ ପ୍ରକାଶ କରିବା ବଡ଼ କାଠିକର ପାଠ ଆଉ ତାକୁ ଗ୍ରହଣ କରିବା ତତୋଧିକ କାଠିକର। ଏହା ସତ୍ତ୍ୱେ ଯେଉଁ କେତେଜଣ ବ୍ୟଙ୍ଗକାର ରମ୍ୟ ବା ବ୍ୟଙ୍ଗ ସାହିତ୍ୟରେ ଅଧିକ ସୃଜନକ୍ଷମ ସେମାନଙ୍କ ମଧ୍ୟରେ ରାଧାଶ୍ୟାମ ରାଉଳ ସୁପରିଚିତ।

କେବେ କେମିତି ସେ କବିତା ଲେଖୁଥିଲେ ବି ଦୀର୍ଘ ତିନି ଦଶନ୍ଧି ଧରି ରମ୍ୟ ରଚନାରେ ମନୋନିବେଶ କରିଛନ୍ତି ଆଉ ଏହା ତାଙ୍କୁ ଦେଇଛି ଭିନ୍ନ ପରିଚୟ। ଏବେ ଏବେ କଟକର ସିଦ୍ଧେଶ୍ ପବ୍ଲିଶିଙ୍ଗ ହାଉସ୍ ପ୍ରକାଶ କରିଛନ୍ତି ତାଙ୍କର ସପ୍ତମ ରମ୍ୟ ରଚନା ପୁସ୍ତକ 'ଆପଣା କଳା କର୍ମମାନ'।

ବହିଟିର ପ୍ରଥମ ଗଳ୍ପ ହିଁ ଶୀର୍ଷକ ଗପ। ଏଥିରେ ବାମପନ୍ଥୀ ଚିନ୍ତାଧାରାରେ ବିଶ୍ୱାସ ରଖୁଥିବା ଜଣେ ବରିଷ୍ଠ ଅଧିକାରୀ ବିନ୍ଦୁ ବିସର୍ଗ ମହାପାତ୍ରଙ୍କ ବାହାପିଆ ଚରିତ୍ର ବିଷୟରେ ନିଖୁଣ ବର୍ଣ୍ଣନା ରହିଛି ଯିଏକି ଅଧସ୍ତନ କର୍ମଚାରୀମାନଙ୍କୁ ମାନସିକ ନିର୍ଯାତନା ଦେଇ ନିଜର ସମସ୍ତ ଇଚ୍ଛା, ଆଗ୍ରହ ଆଉ ଆଦେଶ ତାଙ୍କ ଉପରେ ଲଦି ଦିଏ। ନିଜ କର୍ତ୍ତବ୍ୟକୁ ସମ୍ପୂର୍ଣ୍ଣ ଅବହେଳା କରି ଲକ୍ଷାଧିକ ଟଙ୍କା ଦରମା ନେଇ ନିର୍ଲ୍ଲଜ ଭାବରେ ବୁଲୁଥାଏ। ମାର୍କାମରା ପାଗଳ ଗପରେ ଜଣେ ଅସହିଷ୍ଣୁ ଶାଖା ପରିଚାଳକ ଏବଂ ତାଙ୍କ ନିକଟସ୍ଥ ଅଧିକାରୀଙ୍କ ପ୍ରତି ଥିବା ଅସୂୟା ଭାବକୁ ରୋଚକ ଢଙ୍ଗରେ ଉପସ୍ଥାପନା କରିଛନ୍ତି। ଧୋବ ଧାଉଳିଆ, ଚିକ୍କଣକୁହା ଲୋକମାନେ ସାଧାରଣତଃ ଅନ୍ୟମାନଙ୍କୁ ପ୍ରଲୋଭିତ କରି ନିଜର କାର୍ଯ୍ୟ ହାସଲ କରିଥାନ୍ତି। ଏମିତି ଏକ ଚରିତ୍ରକୁ ନେଇ ଗତିଶୀଳ ହୋଇଛି ବ୍ୟଙ୍ଗ ଗଳ୍ପ ଶଙ୍ଖଚିଲ ଭାଇ ନମସ୍କାର। ଚାକିରୀ କାଳ ଭିତରେ ତଳିଆ କର୍ମଚାରୀମାନଙ୍କୁ ହେୟ ଦୃଷ୍ଟିରେ ଦେଖିଥିଲେ ଅବସର ପରେ ସେଇ କର୍ମଚାରୀମାନେ ସୁଧମୂଳ ସହିତ ଫେରେଇ ଥାନ୍ତି। ଏମିତି ଏକ ଚମତ୍କାର ଗପର ପ୍ଲଟ ଛଦ୍ମବେଶୀ।

ବେଳେବେଳେ ପଦୋନ୍ନତି ଯୋଗ୍ୟତା ଭିତ୍ତିକ ହୋଇ ନଥାଏ, ପ୍ରିୟପ୍ରୀତିରେ ହୋଇଥାଏ। ହାକିମଙ୍କ ବଜାର ସଉଦା କରିବାରେ ନହେଲେ ତାଙ୍କ ପତ୍ନୀଙ୍କ ର ବଶମ୍ବଦ ହୋଇ ହେଁ ହେଁ ଫେଁ ଫେଁ ହେଇ ବି ପଦୋନ୍ନତି ମିଳିଥାଏ। ଏ କଥା କିରାଣୀ ଯୋଗୀ ବାବୁଙ୍କୁ ବହୁ ବିଳମ୍ବରେ ଜ୍ଞାତ ହୁଏ। ଏମିତି ଏକ ଗପ ହେଲା ତେଲର କରାମତି। ନେତାଙ୍କୁ ନ ମଣିବ ଛାର , ନେତା ଯେ ସାକ୍ଷାତ ପାମର। ରାଧାଶ୍ୟାମଙ୍କ ନୂତନ ନବାକ୍ଷରୀ ଇଏ। ସଂଖ୍ୟାଧିକ ତଳତଳିଆ ଲୋକଙ୍କ ସମର୍ଥନରେ ନେତା ବୋଲାଉଥିବା ଲୋକଟିଏ କେମିତି ଉପରକୁ ଉଠି ଯାଇ ତଳତଳିଆ ଲୋକଙ୍କ ସ୍ୱାର୍ଥ ପ୍ରତି ବିମୁଖ ହୋଇଯାଏ ତାର ଜ୍ୱଳନ୍ତ ଉଦାହରଣ ନେତାଙ୍କୁ ନ ମଣିବ ଛାରର ମୁଖ୍ୟ ଚରିତ୍ର ଗୋଲ ବଦନ ମହାନ୍ତି। ବଡ଼ ଲୋକଙ୍କ ସହିତ ଉଭୟ ବନ୍ଧୁତା ଓ ଶତ୍ରୁତା ବିପଦଜନକ, ମାତ୍ର ଶତ୍ରୁତା ବେଶୀ କ୍ଷତିକାରକ। ଏକଥା ପ୍ରମାଣିତ କରେ ଗପ ବଡ଼ ଲୋକଙ୍କ ଚରିତ। କୌଣସି କାର୍ଯ୍ୟ ସଫଳତାର ମୁଖ ଦର୍ଶନ କରିବା ଆଗରୁ ଯଦି ଲିକ୍ ହୋଇଗଲା ତେବେ ତାକୁ ବିଫଳତାର ସ୍ୱାଦ ଦେଖିବାକୁ ବିଳମ୍ବ ଘଟେନି। ଆପଣା ହସ୍ତେ ଜିହ୍ୱାଛେଦି ଗଳ୍ପରେ ପରିଡ଼ା ବାବୁ ଅନୁରୂପ ଦଶା ଭୋଗିଛନ୍ତି। ନିଜର ପ୍ରମୋଶନ ଖବରକୁ ଭାବରେ ବାଲାନ୍ସ ଫେଲ୍ ହୋଇ ପ୍ରାଣପ୍ରିୟା ପତ୍ନୀଙ୍କୁ କହିଦେଇ ଶେଷରେ ନିଜ ଗୋଡ଼ରେ ନିଜେ କୁରାଢ଼ୀ ମାରିଛନ୍ତି। ବେଳେବେଳେ ତଳତଳିଆ ତେଲମରା କର୍ମଚାରୀଙ୍କ ପ୍ରରୋଚନା ଉପରିସ୍ଥ ଅଧିକାରୀଙ୍କୁ ବାଟବଣା କରିଥାଏ ଏବଂ ଅନ୍ୟମାନଙ୍କ ଆଗରେ ଲୋକହସା କରିଥାଏ। ତା'ର ଏକ ଚମତ୍କାର ଉଦାହରଣ ରହିଛି ବହିର ଶେଷ ଗଳ୍ପ ଅପରେସନ ସୁପର ଫ୍ଲପ୍‌ରେ।

ଏ ସବୁ ବାଦ୍ ବହିରେ ପଦ୍ମତୋଳା, ଫୁଲ୍ ବିନ୍ଦାସ, ମନ୍ତ୍ରୀ ଆସିଥିଲେ, ଦଲାଲ, ଭଡ଼ାଟିଆ ବକ୍ତା, ପଡୋଶୀ ନମ୍ବର ୱାନ ପରି ମୋଟ ବତିଶ ଟି ରସାଳ ଗପ ରହିଛି। ମୋଟାମୋଟି ଭାବରେ କହିବାକୁ ଗଲେ ଗଳ୍ପ ଗୁଡ଼ିକ କେବଳ ନିର୍ମଳ ହାସ୍ୟରସରେ ପୂର୍ଣ୍ଣ ନୁହେଁ ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ଶାଣିତ ସ୍ୱର ବି ରହିଛି। ପୁସ୍ତକଟି ପଠକାଦୃତ ହେବାର ଆଶା କରାଯାଏ।



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

---

## ପୂଜା ପତ୍ରିକା ସମୀକ୍ଷା

**କାବ୍ୟଲୋକ**
ସମ୍ପାଦକ : ଭିକାରୀ ଧଳ
ଠିକଣା : ୨୯୭୪, ଗ୍ୟାରେଜ ଛକ
ଲୁଇସରୋଡ(କେନାଲ ପାଖ)
ଭୁବନେଶ୍ୱର-୭୫୧୦୦୨
(ମୋ) : ୯୪୩୭୨୮୩୯୦୭
ମୂଲ୍ୟ : ୨୦୦/-




"ସାହିତ୍ୟ ପତ୍ରିକାଟିଏ ସମୟର କଥା କହେ, ସମାଜର ଦର୍ପଣ ସାହିତ୍ୟର କଥା କହେ, ମଣିଷର କଥା କହେ, ଜୀବନ ଦର୍ଶନ ସମ୍ପର୍କରେ ସୂଚେଇଥାଏ, ପ୍ରେମ ପ୍ରଣୟରେ ଆବଦ୍ଧ କରିଥାଏ ପ୍ରକୃତି ଓ ପୁରୁଷକୁ । ସେଇଠି ସୃଷ୍ଟି ହୁଏ ଜୀବନର ଅନେକ କଥା ଏବଂ କାବ୍ୟ କବିତା । ସୃଷ୍ଟି ଆରମ୍ଭରେ ଯେଉଁ ସ୍ୱରଟି ପ୍ରଥମେ ଉଚ୍ଚାରି ହେଲା ତାହାହିଁ ଥିଲା କବିତାର ସ୍ୱର । ପ୍ରତିଟି ଉଚ୍ଚାରଣରେ ତାହା କହୁଥିଲା ଜଣେ କେହି ସୃଷ୍ଟିକର୍ତ୍ତା ଈଶ୍ୱରଙ୍କ କଥା । ଈଶ୍ୱର ଏ ପୃଥିବୀରେ ବାସ କରୁଥିବା ବୃକ୍ଷଲତା, ପାହାଡ ପର୍ବତ, ଜଳସ୍ଥଳ ଓ ଆକାଶରେ ବିଚରଣ କରୁଥିବା ପ୍ରତିଟି ଜୀବ ପାଇଁ ଭିନ୍ନ ଭିନ୍ନ ରୂପରେ ଆବିର୍ଭାବ ହୋଇଥାନ୍ତି ଏବଂ ଜୀବନକୁ ଜନମ ମରଣର ସଂଜ୍ଞା ପ୍ରଦାନ କରିଥାନ୍ତି । ସେହି ପାଳନକର୍ତ୍ତାଙ୍କ ପାଇଁ ଯେଉଁ ଭାବ ଜୀବ ଭିତରେ ଉଦ୍ରେକ ହୁଏ ତାକୁ ଏବେ କାବ୍ୟ କବିତାର ପରିଚୟ ଦେଇ ଅନୁଭବ କରିଚାଲିଛି ଆଜିର ମଣିଷ ।"

'ସମୟର କଥା : କବି ଓ କବିତା' ଶୀର୍ଷକରେ ସମ୍ପାଦକୀୟ ସ୍ତମ୍ଭରେ ଏହି ସୁନ୍ଦର କଥା ରଖିଛନ୍ତି କାବ୍ୟଲୋକର ସମ୍ପାଦକ କବି ଭୀକାରୀ ଧଳ।

୨୯୬ ପୃଷ୍ଠା ସମ୍ବଳିତ ଏହି ଶାରଦୀୟ ବିଶେଷାଙ୍କ ୨୦୨୪ରେ କାବ୍ୟାନୁଭବ ସ୍ତମ୍ଭରେ 'କବିତାର ଜୀବନ : କେତେ ମନନ କେତେ ଦହନ'ରେ ଜଳଧର ସ୍ୱାଇଁ, ଦେବେନ୍ଦ୍ର କୁମାର ବାଉରୀ, ସୁଶାନ୍ତ କୁମାର ନାୟକ ନିଜ ଅଭିମତ ଲେଖିଥିବା ବେଳେ କାବ୍ୟଚର୍ଚ୍ଚାରେ 'କବିତାର କଥା' କହିଛନ୍ତି ବରିଷ୍ଠ କବି ରତ୍ନାକର ରାଉତ । କାବ୍ୟ ଅଲୋଚନାରେ ଟିଟୁନ୍ ଖରା, ହିମାଂଶୁ କୁମାର ପରିଡା, ଡ. ସସ୍ମିତା ଜେନା, ଡ. ଗିରିଜା ଶଙ୍କର ଶର୍ମା, ଡ. ନିବେଦିତା ମହାନ୍ତି, ସଂଜୁଲତା ହୋ, ଡ. ତ୍ରିନାଥ ମଲ୍ଲିକ, ହୃଷୀକେଶ ମହାଖୁଡ, ମଦାଳସା ମଲ୍ଲିକ, ଡ. ହେନେରିଟା ମିଶ୍ର, ଡ. ଗଣେଶ ପ୍ରସାଦ ସାହୁ, ଶ୍ରୀମତୀ ବିଷ୍ଣୁପ୍ରିୟା ମହାପାତ୍ର, ଡ. ରଘୁନାଥ ମେହେର, ନକୁଳ ଚନ୍ଦ୍ର ସାହୁ, ଡ. ପ୍ରଦୋଷ କୁମାର ସ୍ୱାଇଁ ପ୍ରମୁଖଙ୍କ ଲେଖା ସ୍ଥାନ ପାଇଥିବା ବେଳେ ବିମୁଗ୍ଧ ବାଙ୍ମୟତାରେ ହୃଷୀକେଶ ମଲ୍ଲିକ, ଅମରେନ୍ଦ୍ର ଖଟୁଆ, ଡ. ଗୌତମ ଜେନା, ଧୀରେନ୍ ଆଚାର୍ଯ୍ୟ, ପୀୟୁଷ ପଟ୍ଟନାୟକ, ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ, ଡା. ଦୀନବନ୍ଧୁ ସାହୁ, ଲକ୍ଷ୍ମୀ ନାରାୟଣ ହୋତା, ବିଜୟ ମହାପାତ୍ର, ସତ୍ୟ ପଟ୍ଟନାୟକ, ସୁରେନ୍ଦ୍ର ପାଣିଗ୍ରାହୀ, ମନୋଜ କୁମାର ପଣ୍ଡା, ଅମିୟ ରଂଜନ ମହାପାତ୍ର, କମଳ କୁମାର ମହାନ୍ତି, ନିରାକାର ଦାସ, ମନୋଜ ପଟ୍ଟନାୟକ, ବିପିନ ମହାନ୍ତି, ଭଗବାନ ସାହୁ, ହିମାଂଶୁ ପଟ୍ଟନାୟକ, ସୌଭାଗ୍ୟବନ୍ତ ମହାରଣା, ଭରତ ବେହେରା, ପ୍ରଭାକର ମହାପାତ୍ର, କ୍ଷମାନିଧି ଭୋଇ, ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ, ପ୍ରଶାନ୍ତ ମହାନ୍ତି, ଡ. କମଳାକୃଷ୍ଣ ତ୍ରିପାଠୀ, ଶୁଭନାରାୟଣ ସ୍ୱାଇଁ, ନରହରି ମିଶ୍ର, ସିଦ୍ଧେଶ୍ୱର ପଣ୍ଡା, ସୀମାଞ୍ଚଳ ଦାଶ, ମମତା ଦାଶ, କମଳା ଶତପଥୀ, କଳ୍ପନା ମହାନ୍ତି, ଲତିକା ମହାପାତ୍ର, ବିନୋଦିନୀ ପାତ୍ର, ପ୍ରଭାତନଳିନୀ ମହାପାତ୍ର, ଶୈବାଳିନୀ ସାହୁ, ମମତା ପଟ୍ଟନାୟକ, ଡ. ମମତା ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ମାଙ୍ଗଳିକା ଦାସ, ଶୋଭନା ଜେନା, ଡ. ଶୁଭଶ୍ରୀ ଲେଙ୍କା, ଶ୍ରୀମତୀ ନିବେଦିତା ରଥ ପ୍ରମୁଖ କବିତା ଲେଖିଥିବା ବେଳେ ଗୀତି କବିତା କ୍ରମରେ ବେବୀଲତା ଶତପଥୀ, ହଂସନାଥ ମୁଦୁଲି, ଉମାକାନ୍ତ ନାୟକ, ବାବାଜୀ ଚରଣ ଜେନା, ପ୍ରଦୀପ ଷଡଙ୍ଗୀ,ଅକ୍ଷୟ କୁମାର ସାହୁ, ଭିକାରୀ ଧଳ, ଦମୟନ୍ତୀ ରାଉତ ପ୍ରମୁଖଙ୍କ ଲେଖା ଏଥିରେ ସ୍ଥାନିତ ହୋଇଛି ।

ସେ ଦେଶର କବି କ୍ରମରେ ପ୍ରତିବାଦୀ ଆଫ୍ରିକୀୟ କବି ଚିନୁଆ ଏଚିବି ଉପରେ ଲେଖିଛନ୍ତି ଡ. ଲୋହିତାକ୍ଷ ଯୋଶୀ । କାବ୍ୟ ବ୍ୟକ୍ତିତ୍ୱ କ୍ରମରେ 'କବୀ ମହାଦେବୀ ବର୍ମାଙ୍କ କଥା ଓ କବିତା' ଉପରେ ଆଲେଖ୍ୟ ବାଢିଛନ୍ତି ଡ. ନଗେନ୍ଦ୍ର ପଟ୍ଟନାୟକ ।

ପ୍ରତିବେଶୀ କବି କ୍ରମରେ ଭବାନୀ ପ୍ରସାଦ ମିଶ୍ର, ନିରାଲା, ଶ୍ରୀମତୀ ମୀରା, ସୁମିତ୍ର ନନ୍ଦନ ପନ୍ତଙ୍କ କବିତାକୁ ଅନୁବାଦ କରିଛନ୍ତି ଅକ୍ଷୟ କୁମାର ପତି, ମିନତୀ ପଟ୍ଟନାୟକ, ଲିଙ୍ଗରାଜ ରଥ ଓ ଡା. ଚିତ୍ତରଂଜନ ନାହାକ ।

କବ୍ୟ ମୂଲ୍ୟାୟନ ସ୍ତମ୍ଭରେ ଡ. ସଂଘମିତ୍ର ମିଶ୍ର, ଡ. ପ୍ରସନ୍ନ କୁମାର ମହାନ୍ତି, ଡ. ଅଶୋକ କୁମାର ମହାନ୍ତି, ଡ. ସୁମନ୍ତ ନାୟକ ଯଥାକ୍ରମେ କବି ଶୁଭ୍ରାଂଶୁ ରଂଜନ, କବି ହୃଷୀକେଶ ମଲ୍ଲିକ, ଅଜୟ ପ୍ରଧାନ, କ୍ଷମାନିଧି ଭୋଇଙ୍କ ପୁସ୍ତକର ମୂଲ୍ୟାୟନ କରିଛନ୍ତି ।

'କାବ୍ୟଲୋକ'ର ଶାରଦୀୟ ସଂଖ୍ୟାଟି ନିଶ୍ଚିତ ଭାବରେ ପାଠକାଦୃତ ହେବ ଏଥିରେ ସନ୍ଦେହ ନାହିଁ। ସବୁଥର ପରି ସୁନ୍ଦର କାଗଜ ଓ ସୁନ୍ଦର ଅଳଙ୍କରଣ, ସୁନ୍ଦର ପ୍ରଚ୍ଛଦ ପତ୍ରିକାର ମର୍ଯ୍ୟାଦା ବଜାୟ ରଖିଛି। ୧/୮ ସାଇଜର ଏହି ପତ୍ରିକାଟିର ମୂଲ୍ୟ ୨୦୦ଟଙ୍କା ରଖାଯାଇଛି।

♥ ସମୀକ୍ଷା : ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୯ ଡିସେମ୍ବର ୨୦୨୪

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com




## ଚେତନାର ଦର୍ପଣ - ୫୪

# ଜ୍ଞାନୋଦୟ



♥ ଲଳିତ ମୋହନ ମିଶ୍ର

ବୃହଦାରଣ୍ୟକ ଉପନିଷଦରେ କୁହାଯାଇଛି - 'ଅସତୋ ମା ସଦଗମୟ, ତମସୋ ମା ଜ୍ୟୋତିର୍ଗମୟ। ମୃତ୍ୟୋର୍ମା ଅମୃତଂ ଗମୟ' । ଏହାର ଅର୍ଥ ହେଉଛି - ମୋତେ ଅସତ୍ୟରୁ ସତ୍ୟକୁ, ଅନ୍ଧାରରୁ ଆଲୋକକୁ, ମୃତ୍ୟୁରୁ ଅମରତ୍ୱକୁ ନେଇ ଯାଆନ୍ତୁ । କାରଣ ଅଜ୍ଞାନ ଅନ୍ଧକାର ରୂପକ ଜୀବନ ମୃତ୍ୟୁ ସମାନ । ଅସତ୍ୟ ଅନାଚାର ଅବିବେକୀ ଭଳି ଅନେକ ପ୍ରକାର ଅନ୍ଧକାରରେ ମନୁଷ୍ୟ ଜୀବନ ବୁଡ଼ି ରହିଛି। ସେଥିରେ ପଡି ମନୁଷ୍ୟ ଜୀବନର ବାସ୍ତବ ଅର୍ଥଭୁଲି ଯାଇଛି । ଯେତେବେଳେ ଏହାକୁ ବୁଝିବାକୁ ସମୟ ଆସିବ, ସେତେବେଳେ ବହୁତ ଡେରି ହୋଇ ଯାଇଥିବ । ଭଗବାନ ଦେଇଥିବା ଏହି ଶ୍ରେଷ୍ଠ ଜୀବନ ରୂପକ ଉପହାରଟି, ଜନକଲ୍ୟାଣରେ ବିନିଯୋଗ ହୋଇ ପାରିବ ନାହିଁ । ଲୋଭ, ମୋହ, କ୍ରୋଧ, ମଦ, ମାତ୍ସର୍ଯ୍ୟ , ଅହଂକାର ଭଳି ଅନେକ ପ୍ରକାରର କଳୁଷିତ ପ୍ରକ୍ରିୟାରେ... ଜୀବନର ଗତିପଥ ଆଲୋକ ଆଡକୁ ଅଗ୍ରଗତି କରିବାରେ ବାଧା ସୃଷ୍ଟି ହେବ । ଏହା ମୁକ୍ତିର ପ୍ରାର୍ଥନା ପରିବର୍ତ୍ତେ ମନୁଷ୍ୟ ନିଜର ଭୌତିକ ଆବଶ୍ୟକତାକୁ ପୂରଣ କରିବାକୁ ଚେଷ୍ଟା କରିଥାଏ । ତାର ପ୍ରାର୍ଥନାରେ, ପ୍ରଭୁ ! ଆନନ୍ଦ ଦାତା, ଆମ୍ଭମାନଙ୍କୁ ଜ୍ଞାନ ଦିଅନ୍ତୁ , ଆମଠାରୁ ସମସ୍ତ ପ୍ରକାର ଦୁର୍ଗୁଣ ଦୂର କରନ୍ତୁ । ଆମ୍ଭଙ୍କୁ ଆପଣଙ୍କ ଶରଣରେ ନେଇ ଯାଆନ୍ତୁ, ଆମେ ସଦାଚାରୀ , ବ୍ରହ୍ମଚାରୀ, ଧର୍ମ ରକ୍ଷକ, ବୀର ବ୍ରତଧାରୀ କରି ଦିଅନ୍ତୁ। ଯେପରି ସୁଗୁଣ ପ୍ରାର୍ଥନା ପରିବର୍ତ୍ତେ ଅନ୍ୟ ସମସ୍ତ ସଂସାରିକ ଇଚ୍ଛାକୁ ଅନ୍ତର୍ଭୁକ୍ତ କରିଦିଅନ୍ତୁ । ସରଳ ଜୀବନ ଯାପନ କରିବା ଏବଂ ଶୁଦ୍ଧ ମନ ପାଇବାର ଇଚ୍ଛା ତାଙ୍କ ପ୍ରାର୍ଥନାରେ ସମ୍ପୂର୍ଣ୍ଣ ଅଭାବ ରହିଛି। କିନ୍ତୁ ସେ ସମସ୍ତ ସାଂସାରିକ ସୁଖ ଚାହୁଁଛନ୍ତି । ଲୋକମାନେ ସର୍ବଦା ଗୋଟିଏ କଥା ମନେ ରଖିବା ଉଚିତ୍ ଯେ ଛଳ ଓ ଛିଦ୍ର ରହିତ କର୍ମ ଦ୍ୱାରା ପ୍ରଭୁଙ୍କ ସାନିଧ ପାଇପାରିବା । ଅନ୍ଧକାର ଓ ଅଜ୍ଞାନତାର ଚକ୍ର ଏହି ପଥରେ ବାଧା ସୃଷ୍ଟି କରେ, ମନୁଷ୍ୟକୁ ତା'ର ଜଡ଼ତା ଓ ଚେତନା ଦ୍ୱାରା ଜାଗ୍ରତ ହେବାକୁ ଦିଏ ନାହିଁ । ତମସୋ ମାଂ ଜ୍ୟୋତିର୍ଗମୟର ଅଭିବ୍ୟକ୍ତି ଦ୍ୱାରା ଆମେ କେବଳ ଦୁନିଆର ଇଚ୍ଛାରୁ ମୁକ୍ତି ପାଇପାରିବା ନାହିଁ, ବରଂ ଜ୍ଞାନୋଦୟ ହେବା ଦ୍ୱାରା ମନର ଆଖି ଖୋଲିପାରିବା । ଯେଉଁମାନେ ଆତ୍ମାନନ୍ଦରେ ବିଭୋର ରହି ଥାଆନ୍ତି, ଜ୍ଞାନୋଦୟ ହେବା ଦ୍ୱାରା ସେମାନେ ଆତ୍ମାରେ ପୂର୍ଣ୍ଣ ସନ୍ତୁଷ୍ଟ ରୁହନ୍ତି ।


♥ କୁରାଳ, ନୟାଗଡ
(ମୋ) ୯୪୩୭୯୮୫୮୬୬


# ଭାରତର ଖୋଜ - ଶ୍ୟାମ ବେନେଗଲ



ବିଖ୍ୟାତ ଚଳଚିତ୍ର ନିର୍ମାତା, ନିର୍ଦ୍ଦେଶକ, ପଟ୍ଟକଥା ଲେଖକ ତଥା ବାସ୍ତବାଦି ଓ ସମାନ୍ତରାଳ ଚଳଚିତ୍ରର ପ୍ରଥମ ଆବିଷ୍କାରକ ଶ୍ୟାମ ବେନେଗଲଙ୍କ ଦେହାବସାନ ଚଳଚିତ୍ର ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ।ଏହି କିମ୍ବଦନ୍ତୀ ପ୍ରବାଦ ପୁରୁଷଙ୍କ ଅନେକ କାଳଜୟୀ ଚଳଚିତ୍ର ଭାରତୀୟ ଚଳଚ୍ଚିତ୍ର ଜଗତକୁ ଋଦ୍ଧିମନ୍ତ କରିଛି। ବହୁ ସୃଜନକ୍ଷମ କ୍ୟାରିୟରରେ ୧୮ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସହ ଅନେକ ଆନ୍ତର୍ଜାତିକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇଥିଲେ। ଭାରତୀୟ ସିନେମାକୁ ଅନେକ ଦକ୍ଷ କଳାକାର ଭେଟିଦେବାର ଶ୍ରେୟ ମଧ୍ୟ ସେ ପାଇଛନ୍ତି। ଅନେକ ।ବୃତ୍ତଚିତ୍ର, କ୍ଷୁଦ୍ର ଚଳଚିତ୍ର ଓ ବିଜ୍ଞାପନ ନିର୍ମାଣ କରିଥିବା ବେନେଗଲଙ୍କ ପ୍ରଥମ ଫିଚର ଫିଲ୍ମ 'ଅଙ୍କୁର' ତାଙ୍କୁ ରାତାରାତି ଖ୍ୟାତି ସମ୍ପନ୍ନ କରାଇଥିଲା। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ପୁସ୍ତକ 'ଡିସ୍କଭରି ଅଫ ଇଣ୍ଡିଆ' ଉପରେ ଆଧାରିତ ଟି.ଭି.ଧାରାବାହିକ 'ଭାରତ ଏକ ଖୋଜ' ଓ ଭାରତୀୟ ସମ୍ବିଧାନ ଉପରେ ଆଧାରିତ ଧାରାବାହିକ 'ସମ୍ବିଧାନ' ତାଙ୍କୁ ଖୁବ ଲୋକପ୍ରିୟ କରାଇଥିଲା। ଧାରାବାହିକ 'ଯାତ୍ରା' ଓ 'କଥାସାଗର' ମଧ୍ୟ ଖୁବ୍ ଆଦୃତ ହୋଇଥିଲା ।ବେନେଗଲଙ୍କ ଫିଲ୍ମ 'ଭୂମିକା' , 'ଜୁନୁନ', 'ମଣ୍ଡି', 'ମାମୋମ୍', 'ସର୍ଦାରୀ ବେଗମ' ଓ 'ସୁରଜ କା ସାତଓବା ଘୋଡା' କ୍ଲାସିକ ଫିଲ୍ମ ମାନଙ୍କ ମଧ୍ୟରେ ଗଣାଯାଏ। ମାମୋମ୍ (୧୯୯୪), ସର୍ଦାରୀ ବେଗମ(୧୯୯୬) ଓ ଜୁବେଦା (୨୦୦୧) ଶ୍ରେଷ୍ଠ ହିନ୍ଦୀ ଫିଚର ଫିଲ୍ମ ଭାବରେ ଜାତୀୟ ଚଳଚିତ୍ର ପୁରସ୍କାର ପ୍ରାପ୍ତ କରିଥିଲା।

ଶ୍ୟାମ ବେନେଗଲ ହାଇଦ୍ରାବାଦରେ ଜନ୍ମ ଗ୍ରହଣ କରିଥିଲେ। ଖ୍ୟାତି ସମ୍ପନ୍ନ, ସୁପରିଚିତ ଫୋଟଗ୍ରାଫର ଶ୍ରୀଧର ବି. ବେନେଗଲ ଥିଲେ ତାଙ୍କ ପିତା। ହାଇଦ୍ରାବାଦର ଓସମାନିଆ ବିଶ୍ୱ ବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥୁଲେ। ପିତାଙ୍କ ଠାରୁ ଉପହାର ରୁପରେ ପାଇଥୁବା କ୍ୟାମେରାରେ ସେ ତାଙ୍କର ପ୍ରଥମ ଡକ୍ୟୁମେଣ୍ଟାରୀ ଫିଲ୍ମ ନିର୍ମାଣ କରିଥିଲେ। ହାଇଦ୍ରାବାଦରେ ଏକ ଫିଲ୍ମ ସୋସାଇଟି ପ୍ରତିଷ୍ଠା କରିଥିଲେ। ପ୍ରଥମେ ସେ ମୁମ୍ବାଇରେ ଅବସ୍ଥିତ ଲିନଟାସ୍ ଆଡଭରଟାଇଜିଂ ଏଜେନ୍ସିରେ ଜଣେ କପିରାଇଟର ଭାବରେ କ୍ୟାରିୟର ଆରମ୍ଭ କରିଥିଲେ ।ଗୁଜୁରାଟୀରେ ନୀଜର ପ୍ରଥମ ଡକ୍ୟୁମେଣ୍ଟାରୀ ଫିଲ୍ମ 'ଘେର ବେଠା ଗଙ୍ଗା' ନିର୍ମାଣ କରିଥିଲେ। ପୁନେସ୍ଥିତ ଫିଲ୍ମ ଏଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆରେ ଶିକ୍ଷାଦାନ କରିଥିଲେ। ସେହି ପ୍ରତିଷ୍ଠାନରେ ଦୁଇ ଥର ଚେୟାରମ୍ୟାନ ପଦ ମଧ୍ୟ ଅଳଂକୃତ କରିଥିଲେ। ଏକ ବୃତ୍ତଚିତ୍ର ଚାଇଲ୍ଡ ଅଫ ଷ୍ଟ୍ରିଟ ଖୁବ ପ୍ରଶଂସିତ ହୋଇଥିଲା। ହୋମି ଜେ.ଭାବା ଫେଲୋସିପ୍ ତାଙ୍କୁ ନ୍ୟୁୟର୍କ ସ୍ଥିତ ଚିଲଡ୍ରେନ ଟେଲିଭିଜନ ୱାର୍କସପରେ କାମକରିବାର ସୁଯୋଗ ଦେଇଥିଲା। ସଶକ୍ତ ମହିଳା ଚରିତ୍ର ମାନଙ୍କୁ ପରଦାରେ ଆଣିବାରେ ସେ ଥିଲେ ପ୍ରଥମ। ଅନନ୍ୟ ସୃଜନଶୀଳତା ପାଇଁ ସେ ବହୁ ପୁରସ୍କାରର ଅଧିକାରୀ ହୋଇପାରିଥିଲେ।୧୯୭୬ ରେ ପଦ୍ମଶ୍ରୀ, ୧୯୯୧ରେ ପଦ୍ମ ଭୂଷଣ ଓ ୨୦୦୫ ରେ ସମ୍ମାନଜନକ ଦାଦା ସାହେବ ଫାଲକେ ପୁରସ୍କାରରେ ବିଭୂଷଣ ହୋଇଥିଲେ।

ଶ୍ୟାମ ବେନେଗଲ ଡିସେମ୍ବର ୧୪ରେ ତାଙ୍କର ଶେଷ ତଥା ୯୦ତମ ଜନ୍ମ ଦିବସ ପାଳନ କରିଥିଲେ ତାଙ୍କର କିଛି ଟିମ୍ ମେମ୍ବର ଓ ଗୋଟେ କେକ୍ ସହ। ସେ କିଡନୀ ରୋଗରେ ପୀଡିତ ଥିଲେ। ଜାବତୀୟ ଶାରିରିକ ଯନ୍ତ୍ରଣା ଓ ଅସୁବିଧା ସତ୍ତ୍ୱେ ଫିଲ୍ମ ପ୍ରତି ଥିବା ତାଙ୍କର ଆବେଗ ଓ ଉତ୍ସାହ ଶେଷ ପର୍ଯ୍ୟନ୍ତ କାଏମ ଥିଲା। ଜୀବନର ଶେଷ ସାକ୍ଷାତକାରରେ ଆଉ କିଛି ପ୍ରୋଜେକ୍ଟରେ କାମ କରୁଥିବାର ସୂଚନା ପ୍ରଦାନ କରିଥିଲେ ।ତାଙ୍କର ଶେଷ ଫିଚର ଫିଲ୍ମ ଥିଲା 'ମୁବିଜ : ଦ ମେକିଙ୍ଗ ଅଫ ଏ ନେସନ' । ଏହା ବଙ୍ଗଳା ଦେଶର ମୁକ୍ତି ଆନ୍ଦୋଳନର ମୁଖ୍ୟ ନେତା ଶୈଖ ମୁଜିବୁର ରହମାନଙ୍କ ବାୟୋପିକ ଥିଲା। ଏହା ୨୦୨୩ରେ ମୁକ୍ତିଲାଭ କରିଥିଲା।




ଆଲେଖ୍ୟ : ଅଳକା ରାୟ
♥ (ମୋ) ୭୯୭୮୩୩୨୦୬୧


## ॥ ସ୍ୱୀକାରୋକ୍ତି ॥

# ଆଜି ଯାହା ଦୁର୍ବୋଧ୍ୟ, ଆସନ୍ତାକାଲି ସାଧାରଣ ପାଠକର ଅତ୍ୟନ୍ତ ସୁଖପାଠ୍ୟ ନହେବ କିଏ କହିବ ?

ରତ୍ନାକର ରାଉତ






**ଓଡ଼ିଆ କବିତା ଐଶ୍ୱର୍ଯ୍ୟ ଏତେ ବିପୁଳ ଓ ସୀମା ଏତେ ବ୍ୟାପକ ଯେ ମୋ ଭଳି ଅର୍ବାଚୀନ ସେହି ମହାସିନ୍ଧୁର ଏକ ନଗଣ୍ୟ ଅଂଶମାତ୍ର। କୌଣସି ରାଜ୍ୟ ତଥା ଦେଶର ମାନଚିତ୍ର ଭିତରେ ଓଡ଼ିଆ କବିତା ଆଉ ସୀମାବଦ୍ଧ ହୋଇ ରହିନାହିଁ। କବିତ୍ୱର ଉତ୍ତରଣରେ ଆଗେଇ ଯାଉଥିବା କବିମାନଙ୍କୁ ବୌଦ୍ଧିକ ଅସାମଞ୍ଜସ୍ୟ ଅନେକାଂଶରେ ପ୍ରଲୁବ୍ଧ କରି ସାଧାରଣ ପାଠକ ଠାରୁ ଦୂରେଇ ନେବାର ଗୁଜବ ଉଠୁଛି।**

ପ୍ରଥମ କବିତା ସଂକଳନ 'ବିଷଣ୍ଣ ଫଗୁଣ' ପ୍ରକାଶିତ ହେବା ବେଳେ ନିଜ ପୃଷ୍ଠାରେ ଅକୁଣ୍ଠିତ ଭାବରେ ସ୍ୱୀକାର କରିଥିଲି ଯେ କବିତା ଲେଖି କେବେ ଦିନେ କବିର ସ୍ୱୀକୃତି ପାଇବାକୁ ମୁଁ ସ୍ୱପ୍ନ ଦେଖିନାହିଁ। ବେଳ ଅବେଳରେ କବିତାମାନେ ମୋ ଭିତରକୁ ପଶିଆସନ୍ତି। ଆଖି ସାମ୍ନାରେ କୌଣସି ଜିନିଷଟିଏ ପଡ଼ିଲେ, ତାକୁ ନୀରିକ୍ଷଣ କରୁ କରୁ କେମିତି ଗୋଟିଏ ଭାବବୋଧ ମୋତେ ଆକୁଳ କରିପକାଏ ଏବଂ ସେହି ମୁହୂର୍ତ୍ତରେ ସେହି ଭାବରେ ତାକୁ ଧରି ରଖିବାକୁ ଇଚ୍ଛା ହୁଏ। କେତେବେଳେ ମୁଁ ସେଥିରେ ସଫଳ ହୁଏ, କିନ୍ତୁ ଅନେକ ସମୟରେ ଭାବନାର ସେହି ଝଲକକୁ ଧରି ରଖି ହୁଏନାହିଁ। ତାପରେ ମେଘ ଦେହର ବିଜୁଳି ଭଳି ସିଏ ହଜିଯାଏ। ଅନେକ ଭାବନାର ଖିଅ ମଧ୍ୟ ଧରୁ ଧରୁ ହଜିଯାଏ। ତେଣୁ ଅନେକ ଅସଂପୂର୍ଣ୍ଣ କବିତା ଇତସ୍ତତଃ କେଉଁଠି କେମିତି ରହିଯାଆନ୍ତି। ଅଳ୍ପ କେତେକ ପୂର୍ଣ୍ଣାଙ୍ଗ ହୋଇଛନ୍ତି ବୋଲି ମୋର ଧାରଣା। ତେଣୁ ପତ୍ର ପତ୍ରିକାକୁ ନିୟମିତ ପଠାଇବା, ମୋ ପାଇଁ ଏକ ଦୁଃରୁହ ବ୍ୟାପାର। ଚେତନାଟିଏ କେମିତି ଆତ୍ମପ୍ରକାଶ କରିବ, ସେହି ପ୍ରସୂତି ପୀଡ଼ାରେ ଆଉଟୁ ପାଉଟୁ ହେବା ସମୟରେ କବିତାର ସାହିତ୍ୟିକ ମୂଲ୍ୟ ପ୍ରତି ମୁଁ କେବେ ସଚେତନ ହୋଇନାହିଁ। କିନ୍ତୁ ଅନ୍ତତଃ ଖୁସି ହେଉଛି ଯେ ମୋ ଭିତରର ସନ୍ତୁଳନ, ଆତ୍ମସନ୍ତୋଷ, ଅନ୍ତର୍ଦାହ ଏବଂ ସର୍ବୋପରି ପରମ ବାଙ୍ମୟ ମୁହୂର୍ତ୍ତ ଗୁଡ଼ିକର ସ୍ୱତଃସ୍ଫୂର୍ତ୍ତ ପରିପ୍ରକାଶ ହୋଇପାରୁଛି କେତେକାଂଶରେ। ମୁଁ କହିପାରୁଛି ଭିତରର କଥା, ଶୁଣେଇ ପାରୁଛି ଅନ୍ତରର ଜ୍ୱଳନ। ବ୍ୟକ୍ତିର ଉର୍ଦ୍ଧ୍ୱରେ ଥିବା ଅସନ୍ତୋଷ ଏବଂ ସେଥିରୁ ଉଦ୍ଭବ ହେଉଥିବା ଜ୍ୱାଳା ସାର୍ବଜନୀନ। ସମସ୍ତଙ୍କର ଚେତନା କେନ୍ଦ୍ରରେ ମୋର କବିତାର ଆଭିମୁଖ୍ୟ ଏକ ଶକ୍ତିଶାଳୀ ବିସ୍ଫୋରଣ ସୃଷ୍ଟି କରୁ, ଯେଉଁଥିରୁ ଉଦ୍ଭବ ହେବ ଏକ ନୂତନ ସଂଦେଶର ବାର୍ତ୍ତା, ଏହା ହିଁ ମୋର ଏକମାତ୍ର କାମନା।

ମୋର ପାଠକ, ସମାଲୋଚନକ ଏବଂ ସାହିତ୍ୟିକ ବଂଧୁମାନଙ୍କୁ ନିବେଦନ, ସେମାନେ କବିତା ଗୁଡ଼ିକର ସାହିତ୍ୟିକ ମୂଲ୍ୟାଙ୍କନ ଓ ମୋର ଲେଖକୀୟ ସାମର୍ଥ୍ୟକୁ ନେଇ ବିଚାର କଲାବେଳେ, ମୋତେ ସ୍ୱକୀୟ ମହାନତାରେ କ୍ଷମାଦେବେ। କାରଣ କବିତା ମୋ ଭିତରେ ଲେଖି ହୋଇଯାଉଛି, ଆଜିଯାଏ ମୁଁ କେବେ କବିତା ଲେଖିବାକୁ ପ୍ରୟାସ କରି ଲେଖିନାହିଁ।

ଓଡ଼ିଆ କବିତା ଐଶ୍ୱର୍ଯ୍ୟ ଏତେ ବିପୁଳ ଓ ସୀମା ଏତେ ବ୍ୟାପକ ଯେ ମୋ ଭଳି ଅର୍ବାଚୀନ ସେହି ମହାସିନ୍ଧୁର ଏକ ନଗଣ୍ୟ ଅଂଶମାତ୍ର। କୌଣସି ରାଜ୍ୟ ତଥା ଦେଶର ମାନଚିତ୍ର ଭିତରେ ଓଡ଼ିଆ କବିତା ଆଉ ସୀମାବଦ୍ଧ ହୋଇ ରହିନାହିଁ। କବିତ୍ୱର ଉତ୍ତରଣରେ ଆଗେଇ ଯାଉଥିବା କବିମାନଙ୍କୁ ବୌଦ୍ଧିକ ଅସାମଞ୍ଜସ୍ୟ ଅନେକାଂଶରେ ପ୍ରଲୁବ୍ଧ କରି ସାଧାରଣ ପାଠକଠାରୁ ଦୂରେଇ ନେବାର ଗୁଜବ ଉଠୁଛି। କିନ୍ତୁ ସମୟକ୍ରମେ ସେହି ସମାନ ଚେତନାର ସ୍ତରକୁ ସାଧାରଣ ପାଠକୀୟ ଅନୁରକ୍ତି ଅଗ୍ରସର ହେବା ଏକ ଐତିହାସିକ ସତ୍ୟ, ବିଲକ୍ଷଣ ନୁହେଁ। ଆଜି ଯାହା ଦୁର୍ବୋଧ୍ୟ, ଆସନ୍ତାକାଲି ସାଧାରଣ ପାଠକର ଅତ୍ୟନ୍ତ ସୁଖପାଠ୍ୟ ନହେବ କିଏ କହିବ ? କାରଣ କବି ତ୍ରିକାଳ ଦର୍ଶୀ। ସମୟର ଅବଲୀଳା କ୍ରମେ ଆଗକୁ ଯାହା ହେବ, ବର୍ତ୍ତମାନର ବସ୍ତୁ ଭିତରେ ସେହି ସୁସୁପ୍ତ ବୀଜର ସଂଧାନ କରିପାରେ କେବଳ କବି। ମାଟି ତଳେ ପୋତି ହୋଇ ରହିଥିବା ବୀଜ ଯେତେବେଳେ ଅଙ୍କୁରୋଦ୍‌ଗମ ହୋଇ, ମାଟି ଫଟେଇ ଉପରକୁ ଆତ୍ମପ୍ରକାଶ କରିବ, ସେତେବେଳେ ସମସ୍ତେ ଗ୍ରହଣ କରିନେବାକୁ ବାଧ୍ୟ ହେବେ ଯେ ଦିନେ ମାଟି ତଳେ ମଂଜିଟିଏ ଲୁକ୍‌କାୟିତ ଅବସ୍ଥାରେ ସମସ୍ତଙ୍କର ଦୃଷ୍ଟିର ଅନ୍ତରାଳରେ ଥିଲା। ଏହି ଆଦର୍ଶ ହିଁ ମୋତେ ଏକାନ୍ତ ଆପଣାର କରିପାରିଛି କବିତା ଜଗତ ସହିତ। ଅନେକ ଯଶସ୍ୱୀ କବି ମାନଙ୍କର କବିତା ହିଁ ତ' କେବଳ ଆଜିର କଥା କହେ। ଆମ ଚାରିପାଖରେ ଘଟିଯାଉଥିବା ଅତ୍ୟନ୍ତ କ୍ଷୁଦ୍ର ଘଟଣା, ମାତ୍ର ମହାନ ସଂଭାବନାର, ସଙ୍କେତର ପ୍ରତୀକ ଭାବେ ଆସନ୍ତାକାଲି ପାଇଁ ସେହି କବିମାନେ ଦେଖୁଛନ୍ତି ଏବଂ କବିତା ପରିବେଷଣ କରୁଛନ୍ତି ଆମ ସମସ୍ତଙ୍କ ପାଇଁ। ତେଣୁ ସାଂପ୍ରତିକ କବିତାକୁ ଛିଗୁଲେଇ ହେବା ଓ ସେ ସଂପର୍କରେ ଅନେକ ଅଭିଯୋଗର ଅବତାରଣା କରିବା, ଅପାଠକୀୟ ମନୋବୃତ୍ତି।

କହିବା ବାହୁଲ୍ୟ ଯେ ମୋର ପରମ ବଂଧୁ ଡକ୍ଟର ପ୍ରସନ୍ନ କୁମାର ବରାଳ ହେଉଛନ୍ତି ଜଣେ ସଫଳ ବିନ୍ଧାଣୀ। ସାଂସାରିକ ତଥା ପାରିବାରିକ ଯନ୍ତ୍ରଣାରେ ଅହର୍ନିଶ ଘାଣ୍ଟି ହେଉଥିବା ମଣିଷଟି ଭିତରେ ସାହିତ୍ୟିକ ଅନୁରାଗ ଯେ କେତେ ଭୀଷଣ, ଅନୁଭବ କରିଥିବା ଲୋକଟିଏ କେବଳ ବୁଝିପାରେ। ସେ ନଥିଲେ ଏଠି ସେଠି ପଡ଼ିଥିବା କବିତା ଗୁଡ଼ିକ ଗୋଟିଏ ସଂକଳନ ଭାବରେ ପ୍ରକାଶିତ ହେବା ଅସମ୍ଭବ ହୋଇଥାଆନ୍ତା। ମୁଁ ମୋର ହାର୍ଦ୍ଦିକ କୃତଜ୍ଞତା ତାଙ୍କୁ ଜଣାଉଛି।


♥ ପ୍ଲଟ ନଂ-୭୬୭, (ପାର୍ଟ) ଜୟଦୁର୍ଗା ନଗର, ଭୁବନେଶ୍ୱର-୭୫୨୧୦୦୬
ମୋ: ୯୮୬୧୧୪୪୯୯୧


## ଗଳ୍ପ

# ନରସଂହାର

ବିକାଶ କୁମାର ଶତପଥୀ





ରାତି ନ ପାହୁଣୁ ଗୋଲାମ ଚାଚା ସହିତ ଛେଳି କାଟିବାକୁ ବାହାରି ଆସିଛି ହୁସେନଉ। ଗୋଲାମ ଚାଚା ଖାସି ମାଂସ ଦୋକାନର ବଜାରରେ ଖୁବ୍ ନାମ। ଭଲ ମାଂସ ଯୋଗାଇବାରେ ତାର ଏ ଖଣ୍ଡମଣ୍ଡଳରେ ଖୁବ୍ ପରିଚୟ ଅଛି। ଏଇ କେତେ ବର୍ଷ ହେବ ତା ଦୋକାନର ସୁନାମ ଏତେ ବଢି ଯାଇଛି ଯେ ସେ ମାଂସ ଯୋଗାଇ ପାରୁନାହିଁ। ଆଜି ପୁଣି ସହଜେ ନୂଆବର୍ଷ। ସକାଳ ପହରୁ ପ୍ରାୟ ପଚିଶରୁ ଅଧିକ ଖାସି କାଟି ସାରିଲାଣି ହୁସେନ। କାଲୁଆ ହେମାଳ ପବନକୁ ପଶୁମାନଙ୍କ ଆର୍ତ୍ତଚିତ୍କାର ପୁଣି ସେମାନଙ୍କ କଞ୍ଚା ରକ୍ତରେ ହାତ ଗୋଡ଼ ଶିଠୁଆ ପାଲଟିଗଲାଣି।ବାପ ନିଶା ଖାଇ ହଠାତ୍ ମରିଗଲା ବୋଲି ହୁସେନ ପର ପାଖରେ ଗୋଲାମ ସାଜିଛି। ମାଆ ଅସୁସ୍ଥ। ତା ତଳକୁ ଭାଇ ଭଉଣୀ ମିଶି ଆହୁରି ଚାରିଜଣ। ହୁସେନ ନ ଖଟିଲେ ସେମାନେ ଖାଇବେ କଣ ? ମାଲିକ କେବଳ ଖଟେଇ ଜାଣେ। ଦିପହରେ ଦଶ ମିନିଟ ହୋଟେଲକୁ ଯାଇ କଣ ଦୁଇଟା ଖାଇଥିଲା ଯେ ପେଟ ପୁରା ଖାଲି ହୋଇଗଲାଣି। ଏଇ ସମୟରେ ପୁଣି ଗରାଖମାନଙ୍କ ଭିଡ ଜମିଲା। ଅର୍ଥପିପାସୁ ମାଲିକର କଡା ଗର୍ଜନ, 'ଯାଆ, ଏକାଥରେ ଦୁଇଟି ଭଲ ଛେଳିଙ୍କୁ କାଟ। ଏମାନେ ମୋର ପୁରୁଣା ଗରାଖ।ପୁରା ଅର୍ଜିନାଲ କରି ଦେବୁ। କିଛି ମିଶାମିଶି କରି ଦବୁନି।'

ଟିକେ ରହିଯାଇ ଚଢ଼ା ଗଳାରେ ଉତ୍ତର ଦେଲା, 'ଆଉ ପାରିବିନି ।ଥକି ଗଲିଣି ।ଚାହା ଟିକେ ପିଇ ଆସେ। ଦେହ ଗରମ ହେଲେ ଯାଇ ଯେଉଁ କଥା। 'ମାଲିକ ଗୋଲାମ ଚାଚାର ରାଗ ମୁଣ୍ଡକୁ ଚଢ଼ିଗଲା। ସେ ମାଂସାହାରି ଗରାଖମାନଙ୍କ ହାତରୁ ପଇସା ନେଇ ସାରିଥାଏ। ଅର୍ଥପିପାସୁ ହୋଇ କ୍ରୋଧରେ ହୁସେନର କାନମୂଳିକୁ ବ୍ରହ୍ମଚାପୁଡ଼ାଟେ ବସାଇ କହିଲା, 'ଆବେ ହେ!! ତତେ କାମ କରିବା ପାଇଁ ଆଗୁଆ ପଇସା ଦେଇଛି। ମୋ ଗରାଖ ମୋ ଈଶ୍ୱର। ଆଜି ନୂଆବର୍ଷ ପାଇଁ ଭିଡ ଲାଗିଛି। ତୁ ମୋ ମୁହଁରେ ଜବାବ ଦେଉଛୁ। ତୋର ତ ବହୁତ୍ ସାହସ ???? ଦେଖିବୁ ଏଇନେ ତୋ ବେକକୁ ଦିଗଡ କରିଦେବି।'

ଆଖିରୁ ଧାରଧାର ହୋଇ ବହି ଯାଉଥିଲା ଲୁହ ହୁସେନର। ନିଜ ଭାଗ୍ୟକୁ ଧିକ୍କାର କରି ହାତରେ ପୁଣି ଧରିଲା ଛେଳିମରା କଟୁରୀ। ମନେ ମନେ ଭାବୁଥିଲା, 'ଆମେ କଣ ଜନ୍ମ ହୋଇଛୁ କେବଳ ମାଂସ କାଟିବା ପାଇଁ ??????

ଧାଡ଼ି ହୋଇ ବନ୍ଧା ହୋଇଥିଲେ ଆଉ ଛଅଟି ଛେଳି। ଡଉଲ ଡ଼ାଉଲ ଚେହେରା ହୁସେନ ବୁଝି ପାରୁଥିଲା ଏ ନିଶ୍ଚୟ ପାଖାପାଖି ବନ୍ଧା ହୋଇଛନ୍ତି ମାଆ ଛୁଆ। ଶେଷଥର ପାଇଁ ବିକଳ ହୋଇ ମାଆ ଚାଟି ପକାଉଥିଲା ତା ଛୁଆକୁ। ରାତି ପାହିଲେ ନୂଆବର୍ଷ। କିଏ ଜାଣେ ଆଉ ମାଆ ଛୁଆଙ୍କ ଭେଟ ହେବ କି ନାହିଁ ?? ହୁସେନର ମୁଣ୍ଡକୁ ପିତ୍ତ ଚଢ଼ିଲା। ଛୁଆକୁ ଛାଡ଼ି ଦେଇ ମାଆ ବେକରୁ ପଘା ଖୋଲିଲା। ବିଚାରି ମାଆଟି ଦଉଡ଼ି ପଳାଇବା ପରିବର୍ତ୍ତେ ତା ଛୁଆକୁ ଚାଟିବାରେ ଲାଗିଲା। ଆଉ କାଳ ବିଳମ୍ବ ନ କରି ହୁସେନ ସବୁ ଛେଳିମାନଙ୍କ ବେକରୁ ବନ୍ଧନମୁକ୍ତ କଲା। ଖୁବ୍ ଖୁସି ମନରେ ଏକାଥରକେ ଛଅଟି ଛେଳି ଯିଏ ଯୁଆଡେ ପାରିଲେ ଦଉଡିଲେ। ମାଲିକ ଗୋଲାମ ଚାଚା ଏସବୁ ଦେଖି ତାଜୁବ ହୋଇ ଝପଟି ଆସିଲା ହୁସେନ ଆଡ଼କୁ। ଗୋଟିଏ ଚଟାରେ ହୁସେନ ଗୋଲାମ ଚାଚାର ଗଣ୍ଡିରୁ ମୁଣ୍ଡ ଅଲଗା କରିଦେଲା। ଚୁପ୍ ହୋଇ ଏ ଦୃଶ୍ୟକୁ ଦେଖୁଥିବା ଗରାଖମାନଙ୍କୁ ବଡ ପାଟି କରି କହିଲା, 'ପ୍ରତିବର୍ଷ ନିରୀହ ଛେଳିମାନଙ୍କ ମାଂସ ଖାଉଥିଲେ। ହେଲେ ଏ ବର୍ଷ ମୋ ମାଲିକର ମାଂସ ଖାଆନ୍ତୁ। ଯିଏ ମୋତେ ବାରବର୍ଷ ବୟସରୁ ମାଗଣା ଖଟାଇଛି। ମୋ ପାଠ ପଢ଼ିବା ବନ୍ଦ କରି ଭବିଷ୍ୟତକୁ ହାତରେ ଛୁରୀ ଧରାଇ ରକ୍ତ ଜୁଡୁବୁଡୁ ଦୃଶ୍ୟ ଦେଖାଉଛି। ବହୁତ୍ ହୋଇଗଲା ଆଉ ନୁହେଁ.....'

**ଧାଡ଼ି ହୋଇ ବନ୍ଧା ହୋଇଥିଲେ ଆଉ ଛଅଟି ଛେଳି। ଡଉଲ ଡ଼ାଉଲ ଚେହେରା ହୁସେନ ବୁଝି ପାରୁଥିଲା ଏ ନିଶ୍ଚୟ ପାଖାପାଖି ବନ୍ଧା ହୋଇଛନ୍ତି ମାଆ ଛୁଆ। ଶେଷଥର ପାଇଁ ବିକଳ ହୋଇ ମାଆ ଚାଟି ପକାଉଥିଲା ତା ଛୁଆକୁ। ରାତି ପାହିଲେ ନୂଆବର୍ଷ। କିଏ ଜାଣେ ଆଉ ମାଆ ଛୁଆଙ୍କ ଭେଟ ହେବ କି ନାହିଁ ?? ହୁସେନର ମୁଣ୍ଡକୁ ପିତ୍ତ ଚଢ଼ିଲା। ଛୁଆକୁ ଛାଡ଼ି ଦେଇ ମାଆ ବେକରୁ ପଘା ଖୋଲିଲା। ବିଚାରି ମାଆଟି ଦଉଡ଼ି ପଳାଇବା ପରିବର୍ତ୍ତେ ତା ଛୁଆକୁ ଚାଟିବାରେ ଲାଗିଲା।**

ହଠାତ୍ କଥାଟା ଚାରିଆଡ଼େ ପ୍ରଘଟ ହୋଇଗଲା। ଗୋଲାମ ଚାଚା ମାଂସ ଦୋକାନରେ ନରସଂହାର ହୋଇଛି ।ଯେଉଁଠାରେ ଭଲ ଖାସି ଝୁଲନ୍ତି ଆଜି ସେଠି ମଣିଷର ମୁଣ୍ଡ ଝୁଲୁଛି। ପୋଲିସ ଗାଡି ଆସିବା ଆଗରୁ ଲୋକ ଘେରି ଯାଇଥିଲେ। ହୁସେନ ହାତରେ ଛୁରୀ ଧରି ସେଇମିତି ବଲବଲ କରି ରାସ୍ତାକୁ ଚାହିଁ ବସିଥାଏ । ପୋଲିସ ଆସି ହୁସେନର ହାତରେ ହାଣ୍ଡକପ୍ ପକାଇଲେ। ହୁସେନକୁ ପଚାରୁଥିଲେ, 'ଏପରି କାହିଁକି କଲୁରେ ବାପା ? ଯାହାର ଦାନା ଖାଉଥିଲୁ ତା ବେକରେ ଚାକୁ ଲଗାଇଲୁ!!!'

ହୁସେନ ବଡ଼ ପାଟିରେ କହୁଥିଲା, 'ଏ ବର୍ଷ ସମସ୍ତଙ୍କ ପାଇଁ ଶୁଭଙ୍କର ହେଉ ।ଆଉ ନିରୀହ ପଶୁମାନଙ୍କ ପାଇଁ ଶେଷ ଦିନ ନ ହେଉ। ବନ୍ଦେ ମାତରଂ। ଭାରତ ମାତା କି ଜୟ।'


♥ ସମ୍ପାଦକ - ବାଇଚଡେଇ
ବାସୁଦେବପୁର, ଭଦ୍ରକ
ମୋ -୯୪୩୭୧୦୨୧୧୯

# ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ରର ୨୪ତମ ପ୍ରତିଷ୍ଠା ଦିବସ



ବସ୍ତା, ୨୮/୧୨ (ନି.ପ୍ର): 'ଦୃଷ୍ଟି ଅଧିକାର'ଅଭିଯାନକୁ ସଫଳ ରୂପାୟନ ପାଇଁ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ର ଉଦ୍ୟମ ପ୍ରସଂସନିୟ ।ବସ୍ତା୨୮.୧୨(ନିପ୍ର)-ଦୃଷ୍ଟିବାଧିତ ସମାଜ ଗଠନ କରିବା ସହିତ 'ଦୃଷ୍ଟି ଅଧିକାର'ଅଭିଯାନ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ପାଇଁ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ର ଉଦ୍ୟମ ବାସ୍ତବିକ ପ୍ରସଂସନୀୟ ବୋଲି ଆଜି ନିରାଡ଼ମ୍ବର ଭାବେ ପାଳିତ ଚକ୍ଷୁ ଚିକିତ୍ସାଳୟର ୨୪ତମ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ରାସଗୋବିନ୍ଦପୁର ବ୍ଲକ ରଙ୍ଗାମାଟିଆ ସ୍ଥିତ ଅନ୍ତ୍ୟୋଦୟ ଚେତନା ମଣ୍ଡଳ ଦ୍ୱାରା ପ୍ରତିଷ୍ଠିତ ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ରର ପ୍ରତିଷ୍ଠା ଦିବସ ଅନୁଷ୍ଠାନର ସଭାପତି ନାରାଣ ଭାଇଙ୍କ ସଭାପତିତ୍ୱରେ ତଥା ଯୁବ ସମାଜସେବୀ ଇଂ ପ୍ରତୀକ ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଓଡିଶା ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ଼. ବିପିନ ବିହାରୀ ବିଶ୍ୱାଳ, ସମ୍ମାନୀତ ଅତିଥି ଭାବେ, ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୌମିତ୍ର ଦାସ, ଗାନ୍ଧୀ ଗୁରୁକୁଳର ନିର୍ଦ୍ଦେଶିକା ଗୀତାଞ୍ଜଳି ପଟ୍ଟନାୟକ, ବିନୋଦବିହାରୀ ଆଞ୍ଚଳିକ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼. ବସନ୍ତ କୁମାର ମହାନ୍ତ, ସମାଜସେବୀ ଡ଼.ବ୍ରଜ ଭାଇ, ପୂର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଦେବଶୋଳ ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀ ହାଁସଧା,ଅନ୍ତ୍ୟୋଦୟ ଚେତନା ମଣ୍ଡଳ ର ସମ୍ପାଦକ ତଥା ମହାତ୍ମାଗାନ୍ଧୀ ଚକ୍ଷୁ ଚିକିତ୍ସାଳୟ ଓ ଗବେଷଣା କେନ୍ଦ୍ର ର ନିର୍ଦ୍ଦେଶକ ଡ଼. ଆଦିତ୍ୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।ପ୍ରାରମ୍ଭରେ ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ଅତିଥିମାନେ ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଙ୍କ ପବିତ୍ର ଆତ୍ମାର ସଦଗତି ପାଇଁ ସମବେତ ନୀରବ ପ୍ରାର୍ଥନା କରାଯାଇଥିଲା ।ଅନୁଷ୍ଠାନର ନିର୍ଦ୍ଦେଶକ ଡ଼. ଆଦିତ୍ୟ ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିବା ସହିତ ୨୦୨୪ ଜାନୁଆରୀ ଠାରୁ ଡିସେମ୍ବର ମାସ ପ୍ରଯ୍ୟନ୍ତ ବିଭିନ୍ନ ଚକ୍ଷୁ ରୋଗରେ ପୀଡିତ ୨୩୫୧୧ ଜଣଙ୍କୁ ବାହ୍ୟ ଚିକିତ୍ସା ସେବା ପ୍ରଦାନ କରାଯାଇ ୪୮୮୧ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ମାଧ୍ୟମରେ ଲେନ୍ସ ପ୍ରତିରୋପଣ କରାଯାଇଛି ।ସେହିପରି ଚିକିତ୍ସାଳୟ ପରିସରରେ ଏବଂ ବାହାରେ ୫୭୨ଟି ଚକ୍ଷୁ ପରୀକ୍ଷା ଶିବିର କରାଯାଇ ୪୫୪୩ଜଣଙ୍କ ରିଫ୍ରାକ୍ସନ, ୩୩୪୧ଜଣଙ୍କୁ ଚଷମା ପ୍ରଦାନ କରାଯାଇଛି ।ଏତତ ବ୍ୟତୀତ ରାଜମାର୍ଗ ୬୦ରେ ଚଳାଚଳ କରୁଥିବା ୨୭୩୧ଜଣ ଟ୍ରକ ଚାଳକଙ୍କ ଚକ୍ଷୁ ପରୀକ୍ଷା କରାଯାଇ ସାଇଟସେଭର୍ସ ସହଯୋଗରେ ଚଷମା ପ୍ରଦାନ କରାଯାଇଛି । ବିଭିନ୍ନ ବିଦ୍ୟାଳୟ ମାନଙ୍କରେ ୧୩୦୦ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଚକ୍ଷୁ ରୋଗରେ ଆକ୍ରାନ୍ତ ୯୦ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିବା ଶ୍ରୀ ପଟ୍ଟନାୟକ ସୂଚନା ପ୍ରଦାନ କରିଥିଲେ । ସାମାଜିକ ସେବା କ୍ଷେତ୍ରରେ ଆର୍ଥିକ ଅନାଗ୍ରସର ବୟୋଜ୍ୟେଷ୍ଠ ଲୋକଙ୍କୁ ଶାଢ଼ୀ, ଗଞ୍ଜି, ଲୁଙ୍ଗି, ଗାମୁଛା ଓ କମ୍ବଳ ବଣ୍ଟନ କରାଯାଇଛି । ସଭାକାର୍ଯ୍ୟ ମଧ୍ୟାନ୍ତରରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳଙ୍କୁ ଚଳିତବର୍ଷ 'ଗାନ୍ଧୀ ପ୍ରେରଣା' ସମ୍ମାନରେ ସମ୍ମାନୀତ କରାଯାଇଥିବା ବେଳେ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସୌଦାମିନୀ ପରିଡା, ସର୍ବେଶ୍ୱର ଦାସ, ଯାଜ୍ଞସେନୀ ପଟ୍ଟନାୟକ, ରଞ୍ଜିତା ମହାନ୍ତି, ପୁଷ୍ପଲତା ଦଳବେହେରା, ସ୍ନେହଲତା ଦଳେଇ, ରମାକାନ୍ତ ଭାଇ, ରାଜେଶ ମହାନ୍ତି, ସୂର୍ଯ୍ୟ ଟୁଡୁ, ଅଜିତ ନାୟକଙ୍କୁ 'ଗାନ୍ଧୀ ସେବା'ସମ୍ମାନରେ ସମ୍ମାନୀତ କରା ଯାଇଥିଲା ।ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍ମିତାଞ୍ଜଳୀ ମହାପାତ୍ର, ପ୍ରଶାନ୍ତ କୁମାର ଲେଙ୍କା,ଇଂ ରିଙ୍କୁ ମହାନ୍ତ ଏବଂ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ୪୮ଘଣ୍ଟା ସୁଦ୍ଧା କ୍ଷତିଗ୍ରସ୍ତ...

ସୁଦ୍ଧା ନିଜର ଫସଲ କ୍ଷୟକ୍ଷତି ସମ୍ପର୍କରେ 'କୃଷି ରକ୍ଷକ' ପୋର୍ଟାଲ ନଚେତ୍ ହେଲପଲାଇନ୍ ନମ୍ବର-'୧୪୪୪୭'କୁ ଫୋନ୍ କରି ଜଣାଇବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଚାଷୀମାନଙ୍କୁ ନିବେଦନ କରିଛନ୍ତି । ଆଜିର ବୈଠକରେ କୃଷି ମନ୍ତ୍ରୀ କେଭି ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ମୁଖ୍ୟ ସଚିବ ମନୋଜ ଆହୁଜା ଓ ବିଭାଗୀୟ ସଚିବମାନେ ଉପସ୍ଥିତ ଥିଲେ ।

## ରାଜଧାନୀରେ ସିରିଜ୍ ...

ହେଲେ ସ୍ଥାନୀୟ ସାଲିଆ ସାହି ଲୋକେ ଚାଳକକୁ ଛାଡ଼ି ନଥିଲେ। କ୍ଷତିପୂରଣ ନଦେଲେ ଛାଡ଼ିବୁ ନାହିଁ ବୋଲି ରୋକ୍‌ଠୋକ୍ ଭାବେ ଶୁଣାଇ ଦେଇଥିଲେ। ପୁଲିସ୍ ଓ ଲୋକଙ୍କ ଭିତରେ ଠେଲାପେଲା ହୋଇଛି। ସ୍ଥିତି ଅଣାୟତ୍ତ ହେବାରୁ ସେଠାରେ ଦୁଇ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି।

## ଦିଲ୍ଲୀ ସରକାରଙ୍କ ...

ଉପରାଜ୍ୟପାଳଙ୍କ ମାଧ୍ୟମରେ ବିଜେପି ଏହି ଯୋଜନାକୁ ବନ୍ଦ କରିବାକୁ ଚେଷ୍ଟା କରୁଛି ବୋଲି ସେ କହିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି କେଜ୍ରିଓ୍ୱାଲ କହିଛନ୍ତି ଯେ ବିଜେପି ଆପଣଙ୍କ ସଂଜୀବନୀ ଯୋଜନା ଓ ମହିଳା ସମ୍ମାନ ଯୋଜନା ବନ୍ଦ କରିବାକୁ ଚାହୁଁଛି। ମାଗଣା ଶିକ୍ଷା, ବିଜୁଳି, ସ୍ୱାସ୍ଥ୍ୟସେବା ଓ ସ୍କୁଲ ଆଦି ବନ୍ଦ କରିବାକୁ ବିଜେପି ଦିଲ୍ଲୀ ନିର୍ବାଚନ ଲଢୁଛି। ମହିଳାଙ୍କର ଉନ୍ନତି ବିଜେପି ଚାହେଁନି। ସେଥିପାଇଁ ମହିଳା ସମ୍ମାନ ଯୋଜନା ବନ୍ଦ କରିଦେବାକୁ ବିଜେପି ଚାହୁଁଥିବା କେଜ୍ରିଓ୍ୱାଲ ଅଭିଯୋଗ କରିଛନ୍ତି। ତେଣୁ ଏହି ତଦନ୍ତ ନିର୍ଦ୍ଦେଶ ଦିଲ୍ଲୀ ଉପରାଜ୍ୟପାଳ ନୁହେଁ, ବରଂ ଅମିତ ଶାହଙ୍କ କାର୍ଯ୍ୟାଳୟରୁ ଆସିଛି ବୋଲି କହି କଟାକ୍ଷ କରିଛନ୍ତି କେଜ୍ରିଓ୍ୱାଲ।

## ଦିଲ୍ଲୀରେ ୧୦୧ ବର୍ଷର...

ଟୁହା ବର୍ଷା ଜାରି ରହିଛି। ଫଳରେ ଦିନର ସର୍ବାଧିକ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସକୁ ଖସିଛି। ତେବେ ଏହି ଲଗାଣ ବର୍ଷା ମଧ୍ୟରେ ଭଲ ଖବର ହେଉଛି ଯେ ବର୍ଷା କାରଣରୁ ବାୟୁ ଗୁଣବତ୍ତାରେ ଉନ୍ନତି ଘଟିଛି ଏବଂ ବର୍ତ୍ତମାନ ସହରରୁ ଏଜଇଚ-୩ର ପ୍ରତିବନ୍ଧକକୁ ହଟାଇ ଦିଆଯାଇଛି। କେନ୍ଦ୍ର ପ୍ରଦୂଷଣ ସୂଚକାଙ୍କ ବୋର୍ଡ(ଉଚଡଇ) ଅନୁଯାୟୀ ଆଜି ଦିଲ୍ଲୀର ବାୟୁ ଗୁଣବତ୍ତା 'ମଧ୍ୟମ' ବର୍ଗକୁ ଆସିଛି, ଯାହା ଗତ କିଛି ଦିନ ହେବ 'ସିଭିୟର' ବର୍ଗରେ ଥିଲା। ସିପିସିବି ତଥ୍ୟ ଅନୁଯାୟୀ, ଦିଲ୍ଲୀର ହାରାହାରି ବାୟୁ ଗୁଣବତ୍ତା ସୂଚକାଙ୍କ ଆଜି ୧୭୯ ରେକର୍ଡ ହୋଇଛି, ଯାହା ଗତକାଲି ପର୍ଯ୍ୟନ୍ତ ୩୦୦ରୁ ଅଧିକ ଥିଲା। ଅନ୍ୟପଟେ ଶନିବାର ଓ ରବିବାର ପାଇଁ ମଧ୍ୟ ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ ବର୍ଷା ନେଇ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଲଗାଣ ବର୍ଷା ପ୍ରଭାବରେ ଦିଲ୍ଲୀ-ଏନସିଆରରେ ତାପମାତ୍ରା ମଧ୍ୟ କମ ରହିବା ଆଶଙ୍କା କରାଯାଉଛି। ସେପଟେ ବର୍ଷା ପ୍ରଭାବରେ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେବା ସହିତ ଟ୍ରାଫିକ ସମସ୍ୟା ମଧ୍ୟ ଉପୁଜିଛି।

## ପାକିସ୍ତାନର ଏୟାରଷ୍ଟ୍ରାଇକ୍ ...

ପାକିସ୍ତାନ-ଆଫଗାନିସ୍ଥାନର ସୀମାବର୍ତ୍ତୀ ଡୁରାଣ୍ଡ ଲେନରେ ଥିବା ସେନା ଶିବିର ଉପରେ ଆକ୍ରମଣ ହୋଇଛି । ତାଲିବାନ ଫୋର୍ସ ଏହି ଆକ୍ରମଣ କରିଥିବା ଜଣାପଡିଛି । ଦୁଇଟି ସେନା ଶିବିର ଉପରେ ଆକ୍ରମଣ କରି ୧୯ଜଣ ପାକିସ୍ତାନ ସୈନିକଙ୍କୁ ମାରିଛି ତାଲିବାନ । ଶନିବାର ଭୋରୁ କରାଯାଇଥିବା ଆକ୍ରମଣରେ ତାଲିବାନ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିବା ଜଣାପଡିଛି ।

## ରାଜ୍ୟରେ ଗଠନ ହେବ...

ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ରାଜ୍ୟରେ ବ୍ଲକ ସଂଖ୍ୟା ବଢ଼ିବାର ଆବଶ୍ୟକତା ରହିଛି। ସୁଶାସନ ପାଇଁ ନୂଆଁ ବ୍ଲକ ହେବା ଦରକାର। ଏଥି ପାଇଁ ୨ଟି ରାଉଣ୍ଡରେ ଆଲୋଚନା ସରିଛି। କୋରାପୁଟ ଜିଲ୍ଲାର ତେନ୍ତୁଳିଗୁମା ପଞ୍ଚାୟତ ଅଧୀନ ମଧୁପୁର, ମାଛାଗୁଡ଼ା, ଭେଜିନିଗୁଡ଼ା, କଣ୍ଟାବାଉଁଶଗୁଡ଼ା, ମାଙ୍କଡ଼ପାଣି, ମାଡୁକ, ବାଉଁଶିଆଗୁଡ଼ାର ଲୋକମାନେ ନିଜ ବ୍ଲକ 'ବୈପାରୀଗୁଡ଼ା'କୁ ଆସିବା ପାଇଁ ୭୫କିମି ଦୂର ଅତିକ୍ରମ କରିଥାନ୍ତି। ଏମାନେ କୋରାପୁଟ ଜିଲ୍ଲା ନିବାସୀ ହୋଇଥିଲେ ମଧ୍ୟ ଭୌ?ଗଳିକ ସ୍ଥିତି ଭିନ୍ନ ଥିବା ଯୋଗୁଁ ମାଲକାନଗିରି ଜିଲ୍ଲା ଦେଇ ବୈପାରିଗୁଡ଼ା ସଦର ମହକୁମାକୁ ପହଞ୍ଚିଥାନ୍ତି। ଏହି ଗାଁଗୁଡ଼ିକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରି ନାହିଁ। ସେହିପରି ପକ୍କା ରାସ୍ତା ମଧ୍ୟ ସାତସପନ ପାଲଟିଛି। ଲୋକେ କୋଲାବ ନଦୀରେ ଡଙ୍ଗା ପକାଇ ଯାତାୟତ କରିଥାନ୍ତି। ରାଜ୍ୟରେ ବ୍ଲକ ସଂଖ୍ୟା ବଢ଼ିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ଏହା ସେତିକି ଜଟିଳ ବ୍ୟାପାର। କାରଣ ନୂଆ ବ୍ଲକ ଗଠନ ହେବାକୁ ହେଲେ ବ୍ଲକ ବିଭାଜନ କରିବାକୁ ପଡ଼ିବ। ଏ ସଂକ୍ରାନ୍ତରେ ପଞ୍ଚାୟତରାଜ ବିଭାଗ ସହିତ ସଚିବଙ୍କ ସହିତ ୨ଟି ରାଉଣ୍ଡରେ ଆଲୋଚନା ହୋଇଛି। ସୁଶାସନ ଓ ଗରିବ କଲ୍ୟାଣ ପାଇଁ ବ୍ଲକ ବିଭାଜନର ଆବଶ୍ୟକତା ରହିଛି। ନୂଆ ବ୍ଲକ ଗଠନ ପାଇଁ କମିସନର ଆବଶ୍ୟକତା ରହିଛି। କମିସନ ହିଁ ନୂଆ ବ୍ଲକର ମାନଦଣ୍ଡ ତିଆରି କରିପାରିବେ। ଏବେ ରାଜ୍ୟର ଅନେକଗୁଡ଼ିଏ ବଡ଼ବଡ଼ ବ୍ଲକ୍ ରହିଛି। କେଉଁଠି ୪୦ଟି ତ ଆଉ କେଉଁଠି ୩୫ଟି ପଞ୍ଚାୟତ ରହିଛି। ଯାଜପୁରର ବଡ଼ଚଣାରେ ସର୍ବାଧିକ ୪୩ଟି ପଂଚାୟତ ରହିଛି। ବାଲେଶ୍ୱରର ଭୋଗରାଇ, କୋରାପୁଟର ବୋରିଗୁମ୍ମା ଓ ଦଶମନ୍ତପୁର, ଗଜପତିର ମୋହନା ଯେଉଁଠି ୩୯ଟି ଲେଖାଏଁ ପଞ୍ଚାୟତ ରହିଛି। ଝାରସୁଗୁଡାର ଲଖନପୁର ୩୩ଟି ପଞ୍ଚାୟତ ରହିଛି। ୨୦୧୭ରେ ବିଜେଡି ସରକାର ସମୟରେ ୫୦୦ ନୂଆ ପଞ୍ଚାୟତ ଗଠନ କରାଯାଇଥିଲା। ହେଲେ ୨୪ ବର୍ଷ ଶାସନ କାଳରେ ନୂଆ ବ୍ଲକ ନେଇ କୌଣସି ନିଷ୍ପତ୍ତି ନେଇପାରିନଥିଲେ। ୧୯୫୮ ମସିହାରେ ରାଜ୍ୟରେ ୧୨୪ଟି ବ୍ଲକ୍ ରହିଥିଲାବେଳେ ୧୯୬୧କୁ ଏହି ସଂଖ୍ୟା ୨୧୪ ଛୁଇଁଥିଲା।

## ୩ ମହିଳା ନକ୍ସଲ...

ସେମାନଙ୍କ ଘର ମାଲକାନଗିରି ଜିଲ୍ଲା ଯୋଡ଼ାମ୍ବ ଥାନା ଧାକଡ଼ପଦର ଗାଁରେ। ସ୍ୱପ୍ନା ୨୦୧୮ରେ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ। ସେ ମାଲକାନଗିରିର ଗୁମ୍ମା ଅଞ୍ଚଳରେ କାର୍ଯ୍ୟ କରୁଥିଲେ। ତାଙ୍କ ମୁଣ୍ଡ ଉପରେ ୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ୨୦୨୧ରେ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ ବବିତା। ତାଙ୍କ ମୁଣ୍ଡରେ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ସୁନୀତା ଖିଲୋ ୨୦୨୧ରେ ନକ୍ସଲ ସଂଗଠନରେ ସାମିଲ ହୋଇଥିଲେ। ତାଙ୍କ ମୁଣ୍ଡରେ ୨ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ନକ୍ସଲ ଓ ପୁଲିସ ମଧ୍ୟରେ ବିଭିନ୍ନ ସମୟରେ ହୋଇଥିବା ଗୁଳିବିନିମୟରୁ ୬ଟିରେ ସ୍ୱପ୍ନା ସାମିଲ ଥିଲେ। ସେହିପରି ଛତିଶଗଡ଼ର ସୁକମାରେ ଘଟିଥିବା ଏକ ଗୁଳି ବିନିମୟ ଘଟଣାରେ ଥିଲା ତାଙ୍କର ସଂପୃକ୍ତି। ବବିତା ଓ ସୁନୀତା ପୁଲିସ ସହିତ ହୋଇଥିବା ୩ଟି ଗୁଳିବିନିମୟ ଘଟଣାରେ ସାମିଲ ହୋଇଥିଲେ। ସେଥିରୁ ଦୁଇଟି ମାଲକାନଗିରିରେ ଘଟିଥିବା ବେଳେ ଗୋଟିଏ ଛତିଶଗଡ଼ର ସୁକମା ଜିଲ୍ଲାରେ ଘଟିଥିଲା। ପଚରାଉଚରା ବେଳେ ସେମାନେ ସୁରକ୍ଷାକର୍ମଚାରୀଙ୍କ ଉପରେ ଆକ୍ରମଣ କରିବାକୁ ଯୋଜନା ପ୍ରସ୍ତୁତ କରୁଥିଲେ ବୋଲି କହିଛନ୍ତି।

# ଭୀମେଶ୍ୱର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ବାଲେଶ୍ୱର, ୨୮/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକ ପତ୍ରିପାଳ ପଞ୍ଚାୟତ ପ୍ରସିଦ୍ଧ ଶୈବ ପୀଠ ଭିମେଶ୍ୱର ମହାଦେବଙ୍କ ପାଦଦେଶରେ ପ୍ରତିଷ୍ଠ ଭିମେଶ୍ୱର ଉଚ୍ଚ ବିଦ୍ୟାଳୟ ରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ। ସୁବର୍ଣ୍ଣ ଜୟନ୍ତୀ କମିଟିରେ ସମ୍ପାଦକ ତଥା ବଲାଙ୍ଗି ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ରତ୍ନାକର ସିଂହ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି ଏହି ଉତ୍ସବ ଦୁଇ ଦିନ ଅନୁଷ୍ଠିତ ହୋଇଥିଲା ।ସମ୍ବାଦ ବାଲେଶ୍ୱର ସଂସ୍କରଣ ମୁଖ୍ୟ ଚିତ୍ତରଞ୍ଜନ ଚିରଞ୍ଜିତ୍ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ , ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସ ଯୋଗ ଦେଇ ଛାତ୍ର ଛାତ୍ରୀ ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ । ବରେଣ୍ୟ ଅତିଥି ଭାବେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଉତ୍ସବ କମିଟିର ଉପସଭାପତି ବିଶିଷ୍ଟ ସମାଜ ସେବୀ ବସନ୍ତ ପ୍ରଧାନ , ପୁରାତନ ଛାତ୍ର ପ୍ରମେୟର ସହ ସମ୍ପାଦକ ଦୁର୍ଗା ମାଧବ ରଥ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ । ସୁବର୍ଣ୍ଣ ଜୟନ୍ତୀ ଅବସରରେ ୫୦ ବର୍ଷର ପୂର୍ତ୍ତି ଅବସରରେ ୫୦ କଳସ ଓ ଦୀପ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପତ୍ରିପାଳ ସରପଞ୍ଚ , ସମାଜ ସେବୀ , ହାରିଥିବା ବିଧାୟକ ପ୍ରାର୍ଥୀ ବିଧୁସ୍ମିତା ମହାଳିକ ପତାକା ଉତ୍ତୋଳନ କାର୍ଯ୍ୟ କ୍ରମରେ ଯୋଗ ଦେଇଥିଲେ ।ଦ୍ୱିତୀୟ ଦିବସରେ ଉତ୍ସବ କମିଟିର ସଭାପତି ରମେଶ ଚନ୍ଦ୍ର ସାମଲ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ବିଶିଷ୍ଟ ସାହିତ୍ୟିକ କମଳା କାନ୍ତ ଜେନା ଜଗୋଦେଇଥିଲେ । ପୁରାତନ ଶିକ୍ଷକ, ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ବିଦ୍ୟାଳୟର ପ୍ରଥମ ବ୍ୟାଚ ୧୯୭୩ ଛାତ୍ର ଛାତ୍ରୀ ଓ ପୂର୍ବତନ କର୍ମଚାରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୁରାତନ ଛାତ୍ର ଛାତ୍ରୀ ଙ୍କୁ ନେଇ ବନ୍ଧୁ ମିଳନ ହୋଇଥିଲା । କମିଟିର ସମ୍ପାଦକ ରତ୍ନାକର ସିଂ ସାଂସ୍କୃତିକ ସମ୍ପାଦକ ରାଧାରଞ୍ଜନ ଦାସ , ଅନିରୁଦ୍ଧ ଦାସ , ତାପସ ରଥ , କୀର୍ତି ରଞ୍ଜନ ଦ୍ୱିବେଦୀ , ଚିନ୍ମୟ ରଥ , ସତ୍ୟ ରଥ , ରତିକାନ୍ତ ବେହେରା ପ୍ରମୁଖ କାର୍ଯ୍ୟ କ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଡକ୍ଟର ମନମୋହନ ସିଂହଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା



ବାସୁଦେବପୁର, ୨୮/୧୨ (ନି.ପ୍ର): ବାସୁଦେବପୁରର ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ସ୍ଥାନୀୟ ବିଧାୟକ ଅଶୋକ ଦାସଙ୍କ ବାସଭବନ ପରିସରରେ ଭାରତ ବର୍ଷର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମସ୍ତେ ଡକ୍ଟର ମନମୋହନ ସିଂହଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ସଭାରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ତାଙ୍କ ବକ୍ତବ୍ୟ ରେ କହିଲେ ବିଶ୍ୱ ପ୍ରସିଦ୍ଧ ନେତା, ପୂର୍ବତନ ଅର୍ଥମନ୍ତ୍ରୀ, ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର, ପୁର୍ବତନ ପ୍ରଧାନ ମନ୍ତ୍ରୀ, ଆଦର୍ଶ ମଣିଷ ଡକ୍ଟର ମନମୋହନ ସିଂହ ଙ୍କୁ ଜୀବନରେ ଆଦୌ ଭୁଲି ହେବ ନାହିଁ । ତାଙ୍କ ବିୟୋଗରେ ଭାରତ ବର୍ଷରେ ଏକ ବଡ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି । ବ୍ଲକ କଂଗ୍ରେସ କମିଟି ର ସଭାପତି ରମେଶ ଚନ୍ଦ୍ର ବଳ, ନଗର କଂଗ୍ରେସ କମିଟି ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, ବରିଷ୍ଠ ନେତା ବିଜୟ କୁମାର ମହାନ୍ତି, ଶିକ୍ଷାବିତ୍ ବିଷ୍ଣୁ ମୋହନ ଦାସ, ଯୁବ ନେତା ସିଦ୍ଧାନ୍ତ ଦାସ, ସୁଶାନ୍ତ ମହାକୁଡ଼, ସୁବ୍ରତ ବେହୁରା, ରମେଶ ଚନ୍ଦ୍ର ଚଣ୍ଡ,ତାରାକାନ୍ତ ଡାଙ୍ଗୁଆ, ପ୍ରଭାତ ବାରିକ, ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ, ମଞ୍ଜୁଲତା ପଣ୍ଡା, କାହ୍ନୁ ଚରଣ ମଲ୍ଲିକ, ରାକେଶ ମହାନ୍ତି, ଚନ୍ଦନ ନାୟକ, ସୁବାସ ମହାନ୍ତି, ବାପି ଦାସ, ତୁହିଦ୍ ଖାଁ, ଭରତ କୁମାର ମହାକୁଡ, ଅକ୍ଷୟ ବାରିକ, ପ୍ରଶାନ୍ତ କୁମାର ଦଳାଇ, ବାଦଲ ନାୟକ, ହରି ଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ଓ ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ଡକ୍ଟର ମନ ମୋହନ ସିଂହ ଙ୍କ ରାଜନୈତିକ ଜୀବନ ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଅମର ଆତ୍ମାର ସଦଗତି ପାଇଁ ସମସ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ ।

# ଦିବଂଗତ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସ୍ମୃତିରେ ସଭା

ଜୟପୁର, ୨୮/୧୨ (ନି.ପ୍ର): ଆଜି ଜୟପୁର ସ୍ଥିତ ଯାଦବ ଭବନ ଠାରେ ସିଟି କୋଅର୍ଡିନେସନ୍ କମିଟିର ଉପସଭାପତି ନଳିନୀକାନ୍ତ ରଥଙ୍କ ସଭାପତିତ୍ୱରେ ଦିବଂଗତ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କ ସ୍ମୃତିରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ସର୍ବ ପ୍ରଥମେ ଦିବଙ୍ଗତ ପ୍ରଧାନମନ୍ତ୍ରୀ ଙ୍କ ଫୋଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପରେ ତାଙ୍କରି ସ୍ମୃତିରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଦେଶ ଜଣେ ଶାନ୍ତ ସ୍ୱଭାବ ଏବଂ ସରଳ କିନ୍ତୁ ଦୃଢ ଓ ସୁଦକ୍ଷ ଜନନାୟକଙ୍କୁ ହରାଇଲା ବୋଲି ବକ୍ତା ମାନେ ମତ ରଖିଥିଲେ। ସ୍ୱର୍ଗତ ମନମୋହନ ସିଂହ ୧୯୯୧ ରୁ ଦେଶର ଅର୍ଥନୀତି ସଂଚାଳନ କରି ଆସିଥିଲେ ଏବଂ ୨୦୦୪ ମସିହାରୁ ୨୦୧୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଦାୟିତ୍ୱ ରେ ରହି ଦେଶର ସେବା କରିଥିଲେ ।


E-Procurement Notice

BID Identification No.JM_04_2024_25

No. 5234 date: 26/12/2024

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the Work : Interior works as mentioned in DTCN
2. No. of works : 01
3. Estimated Cost : As per Work List
4. Period of Completion : As per DTCN
5. Date and Time of Bidding : 27-12-2024 to 06-01-2025
6. Last date and time for receipt : 06-01-2025 up to 5.30 pm
7. Bids received online shall be opened on : 07-01-2025 from 10.00 am onwards
8. Name and address of the Officer Inviting Bid :Executive Officer, Jaleswar Municipality

Further details can be seen from the e-procurement portal i.e.https:// tendersodisha.gov.in/

Executive Officer
Jaleswar Municipality

OIPR: 13126/11/0012/2425


# ଗ୍ରାମ୍ୟ ବଜାର ଉପର ଦେଇ ଯାଇଛି ଏଗାର ହଜାର ଭଲ୍ଟ କେଭି ବିଦ୍ୟୁତ୍ ତାର: ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ

ଜଳେଶ୍ୱର , ୨୮/୧୨ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଖୁଆଡ ଜଗନ୍ନାଥ ମନ୍ଦିର ଠାରୁ ଖୁଆଡ ବସ୍ ଷ୍ଟାଣ୍ଡ ଉପର ଦେଇ ଖୁଆଡ ହାଟ ପର୍ଯ୍ୟନ୍ତ ୧୧୦୦୦ ଭଲ୍ଟ କେଭି ତାର ଯାଇଛି । ସରକାରଂକ ତରଫରୁ ଲୋକଙ୍କ ସମାଗମ ଅଞ୍ଚଳରେ ଏହାର ସୁରକ୍ଷା ପାଇଁ ସେପ୍ଟି ଗାର୍ଡ ରହିଥାଏ କିନ୍ତୁ ଏହା ବିପଦ ସଙ୍କୁଳ ଅବସ୍ଥା ରେ ରହିଛି ।ଏହି ଅଞ୍ଚଳରେ ରହିଛି ମନ୍ଦିର, ଦୋକାନ, ନିତିଦିନିଆ ବଜାର, ସ୍କୁଲ୍ , ବସଷ୍ଟପ, ସମବାୟ ସମିତି, ଧାନ ମଣ୍ଡି, ବ୍ୟାଙ୍କ୍, କ୍ଲବ ଇତ୍ୟାଦି ରହିଛି। ଏହି ଅଞ୍ଚଳ ରେ ଏକ ମେଳା ମଧ୍ୟ ହୋଇଥାଏ ଏହି ଅଞ୍ଚଳ ଦେଇ ପ୍ରତ୍ୟେକ ଦିନ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ, ତତ୍ ସହିତ କମଳମତୀ ପିଲା ମାନେ ସେହି ତାର ପାର ହୋଇ ବିଦ୍ୟାଳୟକୁ ଆସିଥାନ୍ତି ଫଳରେ କେତ କେତେବେଳେ ବି ବଡ ବିପଦ ଘଟି ପାରେ ବୋଲି ଆଶଙ୍କା କରାଯାଉଛି।। ତେଣୁ ଲୋକଙ୍କ ମଧ୍ୟରେ ଅସନ୍ତଶ ଦେଖିବା ପାଇଁ ମିଳିଛି ତେଣୁ ଏହି ଅଞ୍ଚଳ ରେ ତୁରନ୍ତ ସେପ୍ଟି ଗାର୍ଡ ଲଗେଇବା ପାଇଁ ଗ୍ରାମବାସୀ ସନତ ସାହୁ, ତପନ ସାହୁ, ରାଜେନ୍ଦ୍ର ସାହୁ, ବ୍ରଜକିଶୋର ଗିରି, ଅଶ୍ରୁମୋଚନ ଘୋଷ, ପଞ୍ଚାନନ ବେହେରା, ରାଜକିଶୋର ପାତ୍ର, କମଳାକାନ୍ତ ପାତ୍ର ପ୍ରମୁଖ ଗ୍ରାମବାସୀ ଦାବୀ କରିଛନ୍ତି। ତେଣୁ ଆମେ ହାତୀଗଡ଼ ସେକ୍ସନ ର ବିଦ୍ୟୁତ ଅଧିକାରୀ ଚନ୍ଦ୍ରକାନ୍ତ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ କି ଆମେ ତୁରନ୍ତ ଏ ବାବଦରେ ଉଚ୍ଚ ପଦସ୍ତ ଅଧିକାରୀଙ୍କୁ ଅବଗତ କରାଇବା ସହିତ ସିଫ୍ଟି ଗାର୍ଡ ଲଗାଇବାର ବ୍ୟବସ୍ତ୍ । କରାଇବୀ ବୋଲି କହିଥିଲେ ।

# ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂଙ୍କ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ



ବାଲିଆପାଳ,୨୭/୧୨ (ନିପ୍ର) ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ କଂଗ୍ରେସ ପକ୍ଷ ରୁ ଶୁକ୍ରବାର ଅପରାହ୍ନରେ ବାଲିଆପାଳ ଇନ୍ଦିରା ଶିଶୁ ଉଦ୍ୟାନ ପରିସର ରେ ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂଙ୍କ ଅମର ଆତ୍ମାର ସଦ ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇ ଯାଇଛି। ମଧୁପୂରା ପଞ୍ଚାୟତର ପୂର୍ବତନ ସରପଂଚ ମୁରଲୀ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବସ୍ତା ନିର୍ବାଚନ ମଣ୍ଡଳୀୟ କଂଗ୍ରେସ ନେତା ବିଜନ ନାୟକ, ଜିଲ୍ଲା ପାରିଷଦ ସଦସ୍ୟ ବାବାଜୀ ଦେହୁରୀ, ବରିଷ୍ଠ କଂଗ୍ରେସ ନେତା ରବି ନାରାୟଣ ମହାନ୍ତି , ଜଗନ୍ନାଥ ବିଶ୍ୱାଳ, ସନ୍ନ୍ୟାସୀ ଜେନା, ତୀର୍ଥ ନାଗ,ବେଣୁଧର ରଣଜିତ, ବିଜୟ ନାୟକ,ହରେକୃଷ୍ଣ ସେନାପତି, ସୁବାସ ଜେନା, ନାରାୟଣ ଜେନା,ରାଜୁ ରାୟ, କମଳା କାନ୍ତ ଜେନା ପ୍ରମୁଖ ଏହି ସ୍ମୃତି ସଭାରେ ଯୋଗ ଦେଇ ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ସିଂଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କ ଫଟୋ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

ରବିବାର, ଡିସେମ୍ବର ୨୯, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ନାଇସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବେତନଟୀ , ୨୮/୧୨ (ନି.ପ୍ର): ବେତନଟୀ ବ୍ଲକ ଖୁଣ୍ଟା ସ୍ଥିତ ନାଇସ ପବ୍ଲିକ ସ୍କୁଲର ୧୮ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଅଛି. ବିଦ୍ୟାଳୟର ଉପାଧ୍ୟକ୍ଷ ଭାସ୍କର ଚନ୍ଦ୍ର ମହାନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ଡ:ଅରୁଣ କୁମାର ସେନାପତି ପୌରହିତ୍ୟ କରିଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ଶିକ୍ଷୟିତ୍ରୀ ପ୍ରେମଲତା ମହାନ୍ତି ପାଠ କରିଥିଲେ। ମୁଖ୍ୟଅତିଥି ମୀନକେତନ ଦାଶ (ଅବସରପ୍ରାପ୍ତ ଶିକ୍ଷକ ଓ ପ୍ରଶିକ୍ଷକ । ମୁଖ୍ୟବକ୍ତା ରମାକାନ୍ତ ମହାପାତ୍ର (ଅବସର ପ୍ରାପ୍ତ ଶିକ୍ଷକ) ସମ୍ମାନୀତ ଅତିଥି ଭାବେ ଚୂଡ଼ାମଣି ମହାପାତ୍ର ,ବିଷ୍ଣୁ ଚରଣ ସାହୁ ,ସତ୍ୟାନନ୍ଦ ମିଶ୍ର, ସନ୍ତୋଷ କୁମାର ଖଣ୍ଡା, ସୁବାସ ଚନ୍ଦ୍ର ମହାପାତ୍ର ଓ ମାନସିଂହ ମୁର୍ମୁ ଉପସ୍ଥିତ ହୋଇ ଛାତ୍ର ଛାତ୍ରୀ ମାନେ ନିଜକୁ କିପରି ଜଣେ ଜଣେ ଆଦର୍ଶ ଛାତ୍ର ହୋଇପାରିବା ସହିତ କଠିନ ପରିଶ୍ରମ କଲେ ଭବିଷ୍ୟତ ରେ ଜଣେ ଆଦର୍ଶ ମଣିଷ ହୋଇ ପାରିବେ । ଏଥି ସହିତ ଉତ୍ତମ ଶିକ୍ଷା ପାଇଁ ସମୟାନୁବର୍ତ୍ତିତା ହେବା ନିତ୍ୟାନ୍ତ ଜରୁରୀ ବୋଲି ଛାତ୍ର ଛାତ୍ରୀ ତଥା ଅଭିଭାବକ ମାନଙ୍କୁ ପରାମର୍ଶ ଦେଇଥିଲେ ଉକ୍ତ କାର୍ଯ୍ୟକ୍ରମକୁ ରଞ୍ଜନ କୁମାର କରଣ ସଂଯୋଜନା କରିଥିଲେ । ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କୁ ନେଇ ରାମାୟଣ ଓ ରେବତୀ ନାଟକ ପ୍ରଦର୍ଶନ କରାଯାଇଥିଲା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ସହିତ ଛାତ୍ର ଛାତ୍ରୀ ମାନେ ପଢୁଥିବା କବିତାକୁ ସୁନ୍ଦର ସ୍ୱର ଓ ତାଳ ରେ ଗାନ କରିଥିଲେ । ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା ଚଳିତ ବର୍ଷ ଉତ୍ତମ ଛାତ୍ର ଭାବରେ ଭବାନୀ ଚନ୍ଦ୍ର ସିଂହ କୁ ସମ୍ମାନୀତ କରାଯାଇଥିଲା । ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ନିତ୍ୟାନନ୍ଦ ସାହୁ ଭଲ ମଣିଷ ହେବା ପାଇଁ ଛାତ୍ର ଛାତ୍ରୀ ତଥା ଅଭିଭାବକ ମାନଙ୍କୁ ପରାମର୍ଶ ଦେଇ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।



## ଦ୍ୱିତୀୟ ବାର୍ଷିକ ଶ୍ରୀ ଶ୍ରୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ନୀଳଗିରି , ୨୮/୧୨ (ନି.ପ୍ର): ବିଶ୍ୱର କଲ୍ୟାଣ ଏବଂ ଅଶାନ୍ତ ବିଶ୍ୱରେ ଶାନ୍ତିପ୍ରତିଷ୍ଠା ସହିତ ମାନବସମାଜକୁ ସତପଥରେ ପରିଚାଳିତ କରି ଆଧ୍ୟାତ୍ମିକ ଜୀବନ ଜିଇଁବାର ଲକ୍ଷ୍ୟନେଇ ନୀଳଗିରି ବ୍ରାହ୍ମଣ ସମିତିର ଯାଜ୍ଞିକ ବ୍ରାହ୍ମଣ ମାନଙ୍କ ଦ୍ୱାରା ଆୟୋଜିତ ଦ୍ୱିତୀୟ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉଦଯାପିତ ହୋଇଯାଇଛି । ଗୁଣ୍ଡିଚାମନ୍ଦିର ପ୍ରାଙ୍ଗଣରେ ଡିସେମ୍ବର ୨୭ ଓ ୨୮ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଏହି ବିଶ୍ୱଶାନ୍ତି ମହାଯଜ୍ଞର ପ୍ରଥମଦିନ ଅଧିବାସ ଦିବସ ସକାଳ ୭.୩୦ମିନିଟ୍ ସମୟରେ ଘଟୋଉତ୍ତଳନ କରାଯାଇ ଯଜ୍ଞବେଦୀ ନିକଟରେ ଯାଜ୍ଞିକ



ବ୍ରାହ୍ମଣ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପରେ ସନ୍ଧ୍ୟା ୬.୩୦ମିନିଟ ସମୟରେ ପ୍ରବଚକ ପଣ୍ଡିତ ଦେବାଶିଷ ଦ୍ୱିବେଦୀଙ୍କ ଦ୍ୱାରା ପ୍ରବଚନ ଦିଆଯାଇଥିଲା। ଶନିବାର ୨୮ତାରିଖ ସକାଳ ୭ଟାରେ ସୂର୍ଯ୍ୟପୂଜା, ୮ଟାରେ ଗୋ ପୂଜନ ଏବଂ ସକାଳ ୯ଘଟିକା ସମୟରେ ବ୍ରାହ୍ମଣ ପଣ୍ଡିତଙ୍କ ବେଦ ଧ୍ୱନିରେ ଯଜ୍ଞ ଆରମ୍ଭ ହୋଇଥିବା ବେଳେ ଅପରାହ୍ନ ୪.୩୦ମିନିଟ ସମୟରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ବିଶ୍ୱଶାନ୍ତି ମହାଯଜ୍ଞ କମିଟିର ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ଷଡଙ୍ଗୀ, ଉପାଧ୍ୟକ୍ଷ ବ୍ରହ୍ମା ସରୋଜ କୁମାର ନନ୍ଦ, ସମ୍ପାଦକ ଧର୍ମବ୍ରତ ମିଶ୍ର,ସହସଂପାଦକ ବ୍ରଜେଶ୍ୱର ନନ୍ଦଙ୍କ ସହଯୋଗରେ ଦିବା ୧୦ ଟାରୁ ୧୨ପର୍ଯ୍ୟନ୍ତ ବ୍ରାହ୍ମଣ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ୧୬ଶାସନ ଏବଂ ନୀଳଗିରି ନଗରର ବ୍ରାହ୍ମଣ ମାନଙ୍କ ପ୍ରତିନିଧି ମାନେ ଯୋଗଦାନ କରିଥିଲେ। ସନ୍ଧ୍ୟା ୬ଟା ସମୟରେ ପଣ୍ଡିତ ଗୋପାଳ ପ୍ରସାଦ ଦାସ ପ୍ରବଚନ ମାଧ୍ୟମରେ ଉପସ୍ଥିତ ଜନସାଧାରଣ ମାନଙ୍କୁ ବିଶ୍ୱଶାନ୍ତି ପାଇଁ ବିଭିନ୍ନ ଧର୍ମୀୟ ଉପାଖ୍ୟାନର ବ୍ୟାଖ୍ୟା କରିବାସହିତ ମାନବସମାଜ ବିଶ୍ୱ ପ୍ରେମରେ ବାନ୍ଧିହେବାକୁ ଉପଦେଶ ଦେଇଥିଲେ।

## ମେଡିକାଲ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର, ୨୮/୧୨ (ନି.ପ୍ର): ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କର ବିୟୋଗ ପାଇଁ ଶନିବାର ଅପରାହ୍ନରେ ସାପ୍ତାହିକ ବୈଠକ ଅବସରରେ ସରକାରୀ ମେଡିକାଲ୍ କଲେଜ୍ ଓ ହସ୍‌ପିଟାଲ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି, ବାଲେଶ୍ୱର ଜିଲ୍ଲା ତରଫରୁ ସ୍ଥାନୀୟ ଏ.ଡି.ଏମ୍. ଛକ ସ୍ଥିତ ନିଜସ୍ୱ ଅଫିସ୍ ଗୃହରେ ଏକ ବିରାଟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ବକ୍ତାମାନଙ୍କ ଦ୍ୱାରା ତାଙ୍କର ବିୟୋଗ ସମଗ୍ର ଭାରତବାସୀଙ୍କ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଥିଲା। ଉପସ୍ଥିତ ଥିବା





ବ୍ୟକ୍ତିବିଶେଷ ଏଥିରେ ତାଙ୍କ ବିଷୟରେ ମତ ଉପସ୍ଥାପିତ କରି ପରିବେଶକୁ ଶୋକାକୁଳାମୟ କରିଦେଇଥିଲେ। ଆଇନଜୀବୀ ନିରଞ୍ଜନ ପରିଡ଼ା ବୈଠକରେ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ଚୌଧୁରୀ ପ୍ରଦୀପ କୁମାର ଦାସ ଏକ ଶୋକପ୍ରସ୍ତାବ ଆଗତ କରିଥିଲେ। ସଂଗଠନର ସଂପାଦକ ଯଶୋଦା ନନ୍ଦନ ଆଶ୍ ତାଙ୍କ ବିୟୋଗରେ ଏଲ୍.ପି.ଜି. ଜନକର ଅବସାନ ଘଟିଲା ବୋଲି କହିଥିଲେ। ତାଙ୍କ ସମୟରେ ଦେଶର ଅର୍ଥନୈତିକ ସୁଧାର ହୋଇପାରିଥିଲା। ବାଲେଶ୍ୱର ମେଡିକାଲ୍ କଲେଜ୍ ଓ ଏମ୍‌ସ୍ ତାଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ସମ୍ଭବ ହୋଇପାରିଥିଲା। ତାଙ୍କର ବିଶେଷ ଗୁଣଗାନ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ନିରଞ୍ଜନ ରାଉତ, ଅକ୍ଷୟ କୁମାର ତ୍ରିପାଠୀ, ଡ. କେଶବ ଚରଣ ପଣ୍ଡା, ଶଚୀନ୍ଦ୍ର ନାଥ ଦାସ, ଶ୍ରୀମତୀ ସରସ୍ୱତୀ ପଣ୍ଡା, ପ୍ରଫୁଲ୍ଲ ଦାସ, ଶ୍ୟାମସୁନ୍ଦର ଜେନା, ପ୍ରଫୁଲ୍ଲ କୁମାର ଦାସ, ଯୋଗେନ୍ଦ୍ର ମାହାର୍ଣ୍ଣା, ପ୍ରଫେସର କ୍ଷିତୀଶ୍ୱର ଦାଶ, ରମେଶ ଜେନା, ସଂଯୁକ୍ତା ବେହେରା ପ୍ରମୁଖ ସ୍ୱର୍ଗତ ସିଂହଙ୍କର ସ୍ମୃତିଚାରଣ କରିବା ସହ ଆତ୍ମାର ସଦ୍‌ଗତି ପାଇଁ ଏକମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଶେଷରେ ବରିଷ୍ଠ ସଭ୍ୟ ସୀତାରାମ ପ୍ରଧାନ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଦିଗନ୍ତ କୋଚିଂ ସେଣ୍ଟରର ତୃତୀୟ ବାର୍ଷିକ ଉତ୍ସବ ପାଳିତ

ବାରିପଦା , ୨୮/୧୨ (ନି.ପ୍ର): ବାରିପଦା ସହର ଅନ୍ତର୍ଗତ ୧୭ ନଂ ୱାର୍ଡ ସ୍ଥିତ ଦିଗନ୍ତ କୋଚିଂ ସେଣ୍ଟରର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଶିକ୍ଷା କେନ୍ଦ୍ରର ନିର୍ଦ୍ଦେଶକ ଅଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ଆଦିବାସୀ ଶିକ୍ଷା ସଂଯୋଜକ ସପନ ପୃଷ୍ଟି, ସମ୍ମାନିତ ଅତିଥି ଭାବେ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ, ୱାର୍ଡ ନମ୍ବର ୧୭ ର କାଉନସେଲର କରୁଣାକର ହେମ୍ବ୍ରମ ଓ ସୋମନାଥ ସିଂହ ଯୋଗ ଦେଇ ପିଲାଙ୍କ ଅଦମ୍ୟ ଉଦ୍ୟମ ହିଁ ସଫଳତାର ଚାବିକାଠି ବୋଲି ବକ୍ତବ୍ୟ ରଖିଥିଲେ । ଅଞ୍ଜନ ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଗଣେଶ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ଚଳିତ ଶିକ୍ଷା ବର୍ଷରେ ବିଭିନ୍ନ ବିଭାଗରେ ସଫଳ ଛାତ୍ର ଛାତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସମାଜରେ ବିଭିନ୍ନ ବିଭାଗରେ ନିରନ୍ତର ସେବା କରି ଆସୁଥିବା ମାଣିକଲାଲ୍ ପାଣି, ସୌମ୍ୟରଞ୍ଜନ ପଟ୍ଟନାୟକ, ସୋମନାଥ ସିଂହ, ପ୍ରତ୍ୟୁଷ ମହାନ୍ତି ଓ ଡଃ ନିରୋଜ କୁମାର ପୋଥାଳଙ୍କୁ ଦିଗନ୍ତ ସମାଜ ସେବକ, ଦିଗନ୍ତ ଗୁରୁ ଶ୍ରେଷ୍ଠ ଆଦି ସମ୍ମାନରେ ସମ୍ମାନିତ କରାଯାଇଥିଲା । ମା ମାନଙ୍କୁ ଉତ୍ସାହିତ ତଥା ଶିକ୍ଷା ଦିଗରେ ଅଧିକ ସଚେତନ କରିବା ନିମନ୍ତେ ଅନୁଷ୍ଠାନ ତରଫରୁ ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଅନୁଷ୍ଠାନର ପିଲାମାନେ ବିଭିନ୍ନ ନୃତ୍ୟ, ଗୀତ, ନାଟକ ପରିବେଷଣ କରି ଦର୍ଶକ ମାନଙ୍କ ମନ ଛୁଇଁ ପାରିଥିଲେ । ସେହିପରି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ବାରିପଦା, ପ୍ରକାଶ ସୋରେନ, ସମ୍ମାନିତ ଅତିଥି ରୂପେ ୱାର୍ଡ ନମ୍ବର ୩ ର କାଉନସିଲର ରାଜ ଗୁପ୍ତା, ୱାର୍ଡ ନମ୍ବର ୧୯ ର କାଉନସିଲର ଦିଗବିଜୟ ହାଁସଦା ପ୍ରମୁଖ ଯୋଗ ଦେଇ ପୁରସ୍କାର ବିତରଣ କରିବା ସହ ଶିଶୁ ମର୍ତ୍ତ୍ୟର ପାରିଜାତ ଓ ବହୁ ପ୍ରତିଭାର ଅଧିକାରୀ ବୋଲି ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଶିକ୍ଷକ ତନ୍ମୟ କୁମାର ଜାନା, ଜୀବନ ସାହୁ, ସୁପ୍ରିୟା ଜେନା, ସ୍ମିତା ମିସ୍, ପୁଷ୍ପାଞ୍ଜଳି ମିସ୍, ସୋମଶ୍ରୀ ମିସ୍, ପ୍ରଶାନ୍ତ ସାର, ଲିଟନ୍ ସାର, ଯୋଗେଶ୍ୱର ସାର, ବାବୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ଅଞ୍ଜନ ବେହେରା ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ।

## ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ



ଖଇରା, ୨୮/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଅଷ୍ଟାଦଶ ବାର୍ଷିକ ସମ୍ମିଳନୀ ଶନିବାର କୁପାରୀ ଅମ୍ବିକା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଫୁଲ୍ଲ କୁମାର ହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଇଂ ବନମାଳୀ ନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରଧ୍ୟାପକ ଡ ରମାକାନ୍ତ ବେହେରା ମୁଖ୍ୟବକ୍ତା , ବରିଷ୍ଠ ନାଗରିକ ମଞ୍ଚର ଜିଲା ସମ୍ପାଦକ ଦାମୋଦର ବେହେରା, କୁପାରୀ ପଞ୍ଚାୟତର ସମିତି ସଭ୍ୟ ଅକ୍ଷୟ କୁମାର ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ସଂଘର ମୁଖପତ୍ର ଅପରାହ୍ନ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି ଅବସରରେ କୃଷି. ସମାଜସେବା, ପ୍ରଶାସନ, ଶିକ୍ଷା,କଳା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରମାକାନ୍ତ ଚୌଧୂରୀ,ସାଗର ଚରଣ ସାହୁ, ବିଶ୍ୱନାଥ ମାଝୀ, କୈଳାସ ଚନ୍ଦ୍ର ପୃଷ୍ଟି,ରଘୁନାଥ ମିଶ୍ର,କନକ ମହାପାତ୍ର ଏବଂ ବରିଷ୍ଠ ସଦସ୍ୟ ସୁକାନ୍ତ ଜେନା, ନାରାୟଣ ପଣ୍ଡା, ପୁରୁଷୋତ୍ତମ ଜେନା,ରତିକାନ୍ତ ନାୟକ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିଭଳି ଛାତ୍ର ପ୍ରତିଭା କୃପାସିନ୍ଧୁ ହେତା,ସୁଶାନ୍ତ ବେହେରା,କ୍ରୀଷ୍ଣା ନାୟକ,ଶୁଭଲକ୍ଷ୍ମୀ ଗିରି,ସ୍ୱାଗତିକା ଗାହାଣ, ଶଶିକାନ୍ତ ସେନାପତି, ଉମାଶଙ୍କର ବେହେରାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ସୁଦର୍ଶନ ପାଣିଗ୍ରାହୀ ଅତିଥି ପରିଚୟ,ଶତ୍ରୁଘ୍ନ ଦାସ ବିବରଣୀ ପାଠ,ସୁଦର୍ଶନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ନାରାୟଣ ପେଡା,ତପନ ବେହେରା, ପୁଷ୍ପଲତା ଯାଦବ, ସୁଦର୍ଶନ ସାହୁ, ବସନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ଆମେ ୭୩ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ବାରିପଦା , ୨୮/୧୨ (ନି.ପ୍ର): ବାରିପଦାରୁ ୧୯୭୩ ମସିହାରେ ପାସ ଆଉଟ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କର ସଂଗଠନ ଆମେ ୭୩ ପକ୍ଷରୁ ଆଜି ଅପରାହ୍ନରେ ବାରିପଦା କ୍ଲବ ପରିସର ରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଆମେ ୭୩ ସଂଗଠନର ସଦସ୍ୟ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଇଂ ଅଶୋକ ବସା, ରବି ନାରାୟଣ ଚାୱପଟନାୟକ, ହରିଶ ପ୍ରଧାନ, ରଜତ ମହାନ୍ତି , ସତ୍ୟବାନ ସେଠୀ, ଅମରେନ୍ଦ୍ର ଦାସ, କ୍ଷୀରୋଦ ସିଟ, ଡ଼. ଲକ୍ଷ୍ମୀପ୍ରିୟା ସେଠୀ, ଝରଣା ଦାସ, ଆର.ଏନ. ଚାୱପଟନାୟକ ପ୍ରମୁଖ ମଂଚାସୀନ ରହି ଆମେ ୭୩ ର ସୁବର୍ଣ୍ଣ ଜୟନ୍ତୀ ପାଳନ ସମାରୋହ ରବିବାର ହେବାକୁ ଥିବା ବେଳେ, ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରେ ପ୍ରତିଷ୍ଠିତ ୨୪୦ ଜଣ ଏହି ସମ୍ମିଳନୀରେ ଯୋଗଦେଇ ମୟୁରଭଞ୍ଜର ସାମଗ୍ରୀକ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରି ନିଜନିଜ କ୍ଷେତ୍ରରେ କିଭଳି କାର୍ଯ୍ୟକରି ମୟୁରଭଞ୍ଜର ବିକାଶ ଦିଗରେ ସହାୟକ ହେବେ ବୋଲି କହିଛନ୍ତି।





## ୯ ଦଫା ଦାବି ନେଇ ଟ୍ରକ ଓ ଟିପର ସଂଘର ଆମରଣ ଅନଶନ

ବାଲିଆପାଳ , ୨୮/୧୨ (ନି.ପ୍ର): ବାଲିଆପାଳ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଶନିବାର ବାଲିଆପାଳ ଥାନା ସମ୍ମୁଖରେ ଜିଲ୍ଲା ସୁବର୍ଣ୍ଣ ରେଖା ଟ୍ରକ ଓ ଟିପର ସଂଘ ବିକ୍ଷୋଭ ସମାବେଶ ଓ ଆମରଣ ଅନଶନ କରିଛି। ରାଜ୍ୟ ସରକାରଙ୍କ ନୂତନ ଖଣି ନୀତି ପ୍ରତ୍ୟାହାର, ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କୋହଳ,ସୋରାତ ସୋର୍ସ ପରିଚାଳନା ନ କରାଇ ମାଇନ ମିନେରାଲ ଉପରେ ଅହେତୁକ ଶୁଳ୍କ ବସାଇବା, ଶୁଳ୍କର ପ୍ରତ୍ୟାହାର, ବାଲେଶ୍ୱର ଜିଲ୍ଲାରେ ଖଣି ଖାଦାନ ଗୁଡିକ ଚଳାଇବାର ସୁବ୍ୟବସ୍ଥା କରାଇବା , ସରକାରଙ୍କ ପକ୍ଷରୁ ଗୃହ ନିର୍ମାଣ କାର୍ଯ୍ୟରେ କଟକଣା ପାଇଁ କାର୍ଯ୍ୟ ବାଧାପ୍ରାପ୍ତ ହୋଉଥିବାରୁ ପରିବହନ ବ୍ୟବସ୍ଥାକୁ କୋହଳ କରାଇବା ଆଦି ୯ ଦଫା ଦାବି ନେଇ ସଂଘ ଆମରଣ ଅନଶନରେ ବସଛି । ସୂଚନା ଅନୁସାରେ



ପୋଲିସ ବିଭିନ୍ନ କଠୋର ଦଫା ଲଗାଇ ଟ୍ରାକ୍ଟର ଓ ଟିପର ମାଲିକ ଏବଂ ଡ୍ରାଇଭରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ଗାଡ଼ି ମାଲିକ ଓ ଗାଡ଼ି ଚାଳକ ବହୁ କ୍ଷତି ସହୁଛନ୍ତି। ଯାହା ଫଳରେ ପରିବାର ପ୍ରତିପୋଷଣରେ ପାଇଁ ନାକେଦମ ହେଉଛନ୍ତି ଟ୍ରାକ୍ଟର ମାଲିକ ଏବଂ ଡ୍ରାଇଭର। ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକ୍ ସ୍ତରୀୟ କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ସମେତ ଓଡ଼ିଶାରେ ଥିବା ୮୦ ଟି ଟ୍ରିପର ସଂଘ ଏହି ଅନଶନରେ ଭାଗ ନେଇଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ଆମରଣ ଅନଶନ ଜାରି ରହିବ ବୋଲି ସୁବର୍ଣ୍ଣ ରେଖା ଟ୍ରିପର ସଂଘର ସୌମ୍ୟଦୀପ ଚକ୍ରବର୍ତ୍ତୀ,ସମ୍ପାଦକ ପ୍ରଦୀପ କର , କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ବ୍ରୀନ୍ଦ୍ର କୁମାର ଖଟୁଆ, ଜୟପ୍ରକାଶ ନାରାୟଣ ସାହୁ,ରାଜୀବ କୁମାର ଦତ୍ତ, ଶିଶିର କୁମାର ରାଉତ, ଭଗବାନ ଦାସ, ତନୁଜ କୁମାର ଜେନା ପ୍ରମୁଖ କହିଛନ୍ତି। ବସ୍ତା ଏସ ଡି ପି ଓ ଘଟଣା ସ୍ଥଳକୁ ଆସିଥିଲେ ମଧ୍ୟ ସଂଘ କାର୍ଯ୍ୟକର୍ତ୍ତାଙ୍କ ସହିତ କୌଣସି ଆଲୋଚନା କରି ନାହାଁନ୍ତି।ଫଳରେ ଆନ୍ଦୋଳନରତଙ୍କ ପ୍ରତି ଏହା ତାଚ୍ଛଲ୍ୟ ସଦୃଶ ହୋଇଛି। ଅନେକ ବୟସ୍ୟ ଆନ୍ଦୋଳନକାରୀ ଅସୁସ୍ଥ ହୋଇ ପଡି ଥିବା ଦେଖିବାକୁ ମିଳିଛି। ତେବେ ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘର କାର୍ଯ୍ୟକର୍ତ୍ତା ମାନେ କହିଛନ୍ତି।ଏହି ଖବର ଲେଖା ହେଲା ପର୍ଯ୍ୟନ୍ତ କୌଣସି ସରକାରୀ ପଦାଧିକାରୀ ଅନଶନ ସ୍ଥଳରେ ପହଁଞ୍ଚି ନାହାଁନ୍ତି।

## ସାପ ଦଂଶନରେ ୧୯ ବର୍ଷୀୟ ଗୋପାଳଙ୍କ ମୃତ୍ୟୁ

ଜଳେଶ୍ୱର , ୨୮/୧୨ (ନି.ପ୍ର): ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଗୋବରଘାଟା ଗ୍ରାମ ପଞ୍ଚାୟତର କୃଷ୍ଣ ନଗର ଗ୍ରାମର ଲଘୁ ମୁର୍ମୁଙ୍କ ବଡ଼ ପୁଅ ଗୋପାଳ ମୁର୍ମୁ ବୟସ ୧୯ ଚାଷ କାର୍ଯ୍ୟ ପାଇଁ ମଙ୍ଗଳ ବାର ଅପରାହ୍ନ ସମୟରେ ବିଲକୁ ନଡ଼ା ଆଣିବା ପାଇଁ ଯାଉଥିବା ସମୟରେ ବିଲ ହିଡରେ ଏକ ବିଷଧର ସାପ ତାଙ୍କ ଗୋଡ଼ରେ ଦଂଶନ କରିଥିଲା ଯାହା ଫଳରେ ପରିବାର ପକ୍ଷରୁ ସଙ୍ଗେ ସଙ୍ଗେ ଜଳେଶ୍ୱର ଜିକେ ଭଟଇ ହସପିଟାଲକୁ ନେଇଥିଲେ ସେଠାରେ ତାଙ୍କର ସ୍ୱାସ୍ଥ୍ୟ ଗୁରୁତର ହେବାରୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡ଼ିକାଲ ନେବା ସମୟରେ ଗୋପାଳଙ୍କର ମୃତ୍ୟୁ ଘଟିଥିଲା ପରେ ପରିବାର ପକ୍ଷରୁ ତାଙ୍କୁ ଜଳେଶ୍ୱର ମେଡିକାଲରେ ଶବ ବ୍ୟବଚ୍ଛେଦ କରିବା ସହିତ ଗ୍ରାମ ମଶାଣିରେ ଶବ ସତ୍କାର କରିଥିଲେ ଗୋପାଳର ମୃତ୍ୟୁରେ ପରିବାର ଲୋକଦୁଃଖରେ ଭାଙ୍ଗି ପଡିଛନ୍ତି ଏପରି ଦୁଃଖଦ ସମୟରେ ଗ୍ରାମର ମୁଖିଆଙ୍କ ସମେତ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ କୁମାର କର, ସମିତି ସଭ୍ୟ ନାଥରାମ ହେମ୍ବ୍ରମ୍, ଜଳେଶ୍ୱର ବିଜେପିର ବରିଷ୍ଠ ନେତା ବ୍ରଜ ମୋହନ ପ୍ରଧାନ ପ୍ରମୁଖ ପରିବାର ଲୋକଙ୍କୁ ସମବେଦନା ଜଣାଇବା



ସହିତ ତାଙ୍କ ପରିବାରକୁ କିପରି ସରକାରୀ ସହାୟତା ମିଳିପାରିବ ସେ ନେଇ ସରକାରଙ୍କ ନିକଟରେ ଦାବୀ କରିଛନ୍ତି ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida